ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.75 Bhubaneswar Wednesday April 26 2023 | ୨୬ତମ ବର୍ଷ ସଂଖ୍ୟା-୭୫ ଭୁବନେଶ୍ୱର, ବୁଧବାର, ଅପ୍ରେଲ ୨୬, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS


## ଓଡିଶାରେ ୧୨ ଦିନ ଲୁଚିଥିଲା ଗୁଡ୍ଡୁ ମୁସଲିମ, ପୁଲିସ୍‌କୁ ଚକମା ଦେବାକୁ ବଢ଼ାଇଛି ଦାଢ଼ି

ଭୁବନେଶ୍ୱର,୨୫।୪(ପି.ଏନ): ଗୁଳିମାଡରେ ପ୍ରାଣ ହରାଇଥିବା ଗ୍ୟାଙ୍ଗଷ୍ଟର ଅତିକ ଅହମଦଙ୍କ ଘନିଷ୍ଠ ସହଯୋଗୀ ଗୁଡ୍ଡୁ ମୁସଲିମର ଓଡିଶା ଲିଙ୍କକୁ ନେଇ ନୂଆ ଖବର ସାମ୍ନାକୁ ଆସିଛି। ଉମେଶ ପାଲ ହତ୍ୟାକାଣ୍ଡରେ ସାମିଲ ଥିବା ଏହି କୁଖ୍ୟାତ ଅପରାଧୀ ଗୁଡ୍ଡୁ ମୁସଲିମ ଓଡିଶାର ବରଗଡରେ ୧୨ ଦିନ ଲୁଚି ରହିଥିଲା।ସବୁବେଳେ କ୍ଲିନସେଭ ହେଉଥିବା ଗୁଡ୍ଡୁ ମୁସଲିମ ଏବେ ପୁଲିସ୍‌କୁ ଚକମା ଦେବା ପାଇଁ ଦାଢ଼ି ମଧ୍ୟ ବଢ଼ାଇଛି। ଓଡିଶାରେ କିଛି ଦିନ ରହିବା ପରେ ବର୍ତ୍ତମାନ ସେ ଛତିଶଗଡରେ ରହିଥିବା ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ, ଗୁଡ୍ଡୁ ମୁସଲିମର ଶେଷ ଠିକଣା ଓଡିଶାର ବରଗଡରେ ରହିଥିଲା। ସେ ଓଡିଶାରେ ଏପ୍ରିଲ ୨ରୁ ୧୩




ତାରିଖ ଯାଏ ରହିଥିଲା। ସେ ୧୨ ଦିନ ଓଡିଶାରେ ଲୁଚି ଥିବା ଉତ୍ତର ପ୍ରଦେଶ ପୁଲିସର ଏସଟିଏଫ ଜାଣିବା ପରେ ତାକୁ ଧରିବାକୁ ଉଦ୍ୟମ କରିଥିଲା। କିନ୍ତୁ ପୁଲିସ୍ ତା' ପାଖରେ ପହଞ୍ଚିବା ପୂର୍ବରୁ ସେ ଫେରାର ହୋଇ ଯାଇଥିଲା। ତେବେ ସେ ଗୋଟିଏ ବ୍ୟାଗ ଛାଡି ଯାଇଥିଲା। ପୁଲିସ୍ ଉକ୍ତ ବ୍ୟାଗରୁ ଗୁଡ୍ଡୁ ମୁସଲିମର କିଛି ପୋଷାକ ଜବତ କରିଛି।

## ନୂଆଗାଁ ମାତାଳସାହିକୁ ଭୁଲିଗଲା ପ୍ରଶାସନ, ପିଇବା ପାଣି ପାଇଁ ୧୫ ପରିବାର ହନ୍ତସନ୍ତ

ହରିଚନ୍ଦନପୁର, ୨୫।୪(ପି.ଏନ): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଭଗାମୁଣ୍ଡା ଗ୍ରାମପଂଚାୟତ ଅନ୍ତର୍ଗତ ନୂଆଗାଁ ୧ ନମ୍ବର ୱାର୍ଡ ମାତାଳସାହିକୁ ଭୁଲିଗଲା ପ୍ରଶାସନ। ଏଠାରେ ପିଇବା ପାଣି ପାଇଁ ଡହଳ ବିକଳ ୧୫ ପରିବାର ।ଖବର ଅନୁଯାୟୀ, ଏଠାକାର ଲୋକମାନେ ବର୍ଷ ତମାମ ଚୂଆ ପାଣି ଉପରେ ନିର୍ଭର କରିଆସୁଥିବା ବେଳେ ଗ୍ରୀଷ୍ମ ଋତୁରେ ପାଣି ପାଇଁ ହନ୍ତସନ୍ତ ହେବାକୁ ପଡ଼େ । ପ୍ରତ୍ୟେକ ବର୍ଷ ସାହିବାସୀ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବିଡ଼ିଓଙ୍କ ପାଖରେ ବାରମ୍ବାର ଅଭିଯୋଗ ପରେ ମଧ୍ୟ ପିଇବା ପାଣିର ବ୍ୟବସ୍ଥା ହୋଇପାରିନାହିଁ । ଏବର୍ଷ ବାରମ୍ବାର ଅଭିଯୋଗ ପରେ ମଧ୍ୟ ନା ମିଳୁଛି ଏହାର ସ୍ଥାୟୀ ସମାଧାନ ନା ଟ୍ୟାଙ୍କର ଯୋଗେ ପାଣି । ସାହିକୁ କହିବାକୁ ଗଲେ ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବି ଆଜି ପର୍ଯ୍ୟନ୍ତ ପକ୍କାରାସ୍ତା ସ୍ୱପ୍ନ ଥିବା ବେଳେ ପାଦଚଲା ରାସ୍ତା ହିଁ ସାହା ଭରଷା । ଏନେଇ ଗ୍ରାମର ନିମାଇଁ ମାଝି, ପିତାମ୍ବର ମୁର୍ମୁ, ବିରାମ ମାଝୀ, ଜୁଝାର ମାଝୀ, ରାଜକିଶୋର ମାଝୀ, ରାମରାଏ ମାଝୀ, ଘନଶ୍ୟାମ ପାତ୍ର, କୁନି ମାଝୀ, କୁନା ମହାକୁଡ଼, ମିନତୀ ମାଝୀ, ରିନ୍ଦୀ ମାଝୀ, ରାଧିକା ମାଝୀ, ସୁକାନ୍ତୀ ମାଝୀ ଅଭିଯୋଗ ଆଣିଛନ୍ତି । ଘଟଣା ସମ୍ପର୍କରେ ଭଗାମୁଣ୍ଡା ସରପଂଚ ଫୁଲମଣୀ ନାଏକଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ତୁରନ୍ତ ପାଣି ଟ୍ୟାଙ୍କର ବ୍ୟବସ୍ଥା କରାଯିବା ସହ ଖୁବଶୀଘ୍ର ନଳକୂପର ବ୍ୟବସ୍ଥା କରାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

## ଆଜିଠୁ ଭୁବନେଶ୍ୱରରେ ଜି-୨୦ ଶିକ୍ଷା କାର୍ଯ୍ୟଗୋଷ୍ଠୀର ତୃତୀୟ ବୈଠକ

ଭୁବନେଶ୍ୱର, ୨୫।୪(ପି.ଏନ): ଭୁବନେଶ୍ୱର ଠାରେ ଜି-୨୦ ଶିକ୍ଷା କାର୍ଯ୍ୟ ଗୋଷ୍ଠୀର ତୃତୀୟ ବୈଠକ ଆୟୋଜନ କରିବ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ। ଏପ୍ରିଲ ୨୬ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ବୈଠକରେ ଜି୨୦ ସଦସ୍ୟ ରାଷ୍ଟ୍ର, ନିମନ୍ତ୍ରିତ ରାଷ୍ଟ୍ର ଏବଂ ଓଇସିଡି, ୟୁନେସ୍କୋ ଏବଂ ୟୁନିସେଫ ଭଳି ନିମନ୍ତ୍ରିତ ସଂଗଠନର ପ୍ରତିନିଧିମାନେ ଅଂଶଗ୍ରହଣ କରିବେ। ଭାରତ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ସଚିବ ସଞ୍ଜୟ କେ ମୂର୍ତି ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଏହି ତିନି ତିନିଆ କାର୍ଯ୍ୟକ୍ରମରେ ସେମିନାର/ପ୍ରଦର୍ଶନୀ ଏବଂ କାର୍ଯ୍ୟଗୋଷ୍ଠୀ ବୈଠକ ଆୟୋଜନ କରାଯିବ । ଏନଏସଡିସି ସହଭାଗିତାରେ ଭୁବନେଶ୍ୱରସ୍ଥିତ ସିଏସଆଇଆର-ଖଣିଜ ଓ ବସ୍ତୁବିଦ୍ୟା ପ୍ରତିଷ୍ଠାନ ଠାରେ 'ଭବିଷ୍ୟତର କାର୍ଯ୍ୟ ପରିପ୍ରେକ୍ଷୀରେ ଆଜୀବନ ଅଧ୍ୟୟନ ପାଇଁ କ୍ଷମତା ବିକାଶ' ବିଷୟବସ୍ତୁ ଉପରେ ସେମିନାର ଆୟୋଜନ କରାଯିବ । କାର୍ଯ୍ୟଗୋଷ୍ଠୀ ବୈଠକର ପ୍ରଥମ ଦିନର କାର୍ଯ୍ୟକ୍ରମକୁ ଭାରତ ସରକାରଙ୍କ ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ସୁଭାଷ ସରକାର ସମ୍ବୋଧିତ କରିବେ । ବିଭିନ୍ନ ଦେଶ ଓ ଅନ୍ତର୍ଜାତୀୟ ସଂଗଠନାରୁ ମିଳିଥିବା ଇନପୁଟ୍ ଆଧାରରେ ଜି୨୦ ଶିକ୍ଷା ମନ୍ତ୍ରୀମାନଙ୍କର ଘୋଷଣା ନାମର ଜିରୋ ଡ୍ରାଫ୍ଟ ଉପରେ ବିଚାରବିମର୍ଶ କରିବା ଲାଗି ଏହି ମଞ୍ଚ ସହାୟକ ହୋଇପାରିବ । ଏହି ବିଚାରବିମର୍ଶରୁ ମିଳିଥିବା ପରିଣାମ ଓ ସୁପାରିସକୁ ଆସନ୍ତା ୨୨ ଜୁନରେ ପୁଣେ ଠାରେ ଅନୁଷ୍ଠିତ ହେବାକୁ ଥିବା ଜି-୨୦ ଶିକ୍ଷା ମନ୍ତ୍ରୀମାନଙ୍କର ବୈଠକ ସମୟରେ ଉପସ୍ଥାପିତ ହେବାକୁ ଥିବା ଘୋଷଣାନାମା ପ୍ରସ୍ତୁତି ବା ଡ୍ରାଫ୍ଟିଂରେ ସହାୟକ ହୋଇପାରିବ ।ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ସଚିବ ଶଅତୁଲ ତିୱାରୀ ସୂଚନା ଦେଇ କହିଥିଲେ ଯେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସିଏସଆଇଆର-ଆଇଆଇଏମଟି ଠାରେ ଜି୨୦ ଭବିଷ୍ୟତର କାର୍ଯ୍ୟ ପ୍ରଦର୍ଶନୀକୁ ଉଦଘାଟନ କରିଛନ୍ତି । ଜି-୨୦ ଶିକ୍ଷା କାର୍ଯ୍ୟଗୋଷ୍ଠୀ ବୈଠକ ପରିପ୍ରେକ୍ଷୀରେ ବିଭିନ୍ନ ସମ୍ମିଳନୀ ଓ କର୍ମଶାଳା ଆୟୋଜନ କରାଯାଉଛି ।ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ସଚିବ ସଞ୍ଜୟ କୁମାର ବିଦ୍ୟାଳୟ ପାଠ୍ୟକ୍ରମରେ ଦକ୍ଷତା ବିକାଶ ବିଷୟକୁ ସାମିଲ କରିବା ଉପରେ ଆଲୋଚନା କରିଥିଲେ ।

## ସମସ୍ତଙ୍କୁ ଭଲ ପାଅ, ସମ୍ମାନ ଓ ସ୍ୱୀକୃତି ଦିଅ: ରାଜ୍ୟପାଳ




ଭୁବନେଶ୍ୱର,୨୫।୪(ପି.ଏନ): ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଆର୍‌ଏସ୍‌ଏସ୍‌ର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଇନ୍ଦ୍ରେଶ କୁମାର ମଙ୍ଗଳବାର କିଟ୍ ଓ କିସ୍ ପରିଦର୍ଶନରେ ଆସିଥିଲେ। ଏହି ଅବସରରେ କିସ୍ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଲେ, ଛାତ୍ରାବସ୍ଥାରୁ ଜୀବ ଜଗତର ପ୍ରତ୍ୟେକଙ୍କୁ ସମ୍ମାନ, ସ୍ୱୀକୃତି ଓ ପ୍ରେମ ବନ୍ଧନରେ ବାନ୍ଧି ହୋଇପାରିଲେ ସମାଜରେ ପିଲାମାନେ ଜଣେ ଜଣେ ପ୍ରକୃତ ମଣିଷ ହୋଇପାରିବେ। କିସ୍ ଏକ ଉତ୍କୃଷ୍ଟ ସ୍ଥାନ ହୋଇଥିବାରୁ ପିଲାମାନେ ଜ୍ଞାନ ଆହରଣ କରିବାର ସୁଯୋଗ ହାତଛଡ଼ା କରିବା ଉଚିତ ନୁହେଁ। ସମସ୍ତେ ମିଳିତ ଭାବେ ଜ୍ଞାନର ବିକାଶ ଦିଗରେ ଚେଷ୍ଟିତ ହେବା ଉଚିତ ବୋଲି ପ୍ରଫେସର ଲାଲ୍ କହିଥିଲେ। ଏଭଳି ସୁଯୋଗ ସୃଷ୍ଟି କରିଥିବାରୁ ସେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଇନ୍ଦ୍ରେଶ କୁମାର ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ମାଆ ଓ ମାତୃଭୂମିର ସେବା କରିବାକୁ ଆହ୍ୱାନ ଦେଇଥିଲେ। ଭାରତର ସହର ହେଉ କି ଗାଁଆ ଯେଉଁଠି ଆମେ ବାସ କରୁ ପଛେ ଆମେ ସମସ୍ତେ ଆଦିବାସୀ ବୋଲି ସେ କହିଥିଲେ। କିସ୍ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇ କହିଲେ, କିସ୍ ହେଉଛି ତୁମର ସୁରକ୍ଷା କବଚ। ଶୃଙ୍ଖଳାକୁ ଆପଣାଇବା ସହ ଅହଂକାର, ବିଦ୍ୱେଶ ଭାବକୁ ତ୍ୟାଗ କରି ପାରସ୍ପରିକ ସ୍ନେହ, ଶ୍ରଦ୍ଧା, ଭାଇଚାରା ସୃଷ୍ଟି କରି ପାରିଲେ ଭାରତ ଏକ ସଶକ୍ତ ରାଷ୍ଟ୍ରରେ ପରିଣତ ହୋଇପାରିବ ବୋଲି ଇନ୍ଦ୍ରେଶ କୁମାର କହିଥିଲେ। ନିଜ ମଧ୍ୟରେ ଦେଶାତ୍ମବୋଧକ ଭାବନା ସହ ପ୍ରକୃତି ପ୍ରତି ଆଦର ଭାବ ଜାଗ୍ରତ କରାଇବାକୁ ସେ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତାଙ୍କ ପ୍ରୟାସକୁ ପ୍ରଶଂସା କରି କହିଲେ, ଜନଜାତି ଛାତ୍ରଛାତ୍ରୀ ଏବଂ ସେମାନଙ୍କ ପରିବାରର ବିକାଶ ଓ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କିସ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି କାର୍ଯ୍ୟକ୍ରମରେ ବାବା ରାମ ନାରାୟଣ ଦାସ ଛାତ୍ରଛାତ୍ରୀଙ୍କୁ ଆଶୀର୍ବଚନ ପ୍ରଦାନ କରିଥିବା ବେଳେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିସ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ବେହେରାଙ୍କ ସମେତ କିଟ୍ ଓ କିସ୍‌ର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ଚାକିରି ଅସଲି ସାର୍ଟିଫିକେଟ ନକଲି ମହଙ୍ଗା ପଡ଼ିଲା

କେନ୍ଦ୍ରାପଡ଼ା, ୨୫।୪(ପି.ଏନ):ଜାଲ ସାର୍ଟିଫିକେଟରେ ପୋଷ୍ଟାଲ ଚାକିରୀ ମହଙ୍ଗା ପଡ଼ିଛି । ଯାଂଚ୍ ବେଳେ ସାର୍ଟିଫିକେଟ ଜାଲ୍ ବୋଲି ଜଣାପଡ଼ିବା ପରେ ଥାନାରେ ମାମଲା ରୁଜୁ ହୋଇଥିଲା । ପୁଣିଥରେ ଟାଉନ ଥାନା ଅଧିନ କେନ୍ଦ୍ରାପଡ଼ା ଡାକ ଡିଭିଜନରେ ଜାଲ ସାର୍ଟିଫିକେଟ ଦେଇ ଚାକିରୀ କରିଥିବା ୩ ଜଣ ପୋଷ୍ଟ ମାଷ୍ଟରଙ୍କୁ ଚାକିରୀରୁ ବହିଷ୍କୃତ କରାଯାଇଛି ବୋଲି ଡାକ ଅଧୀକ୍ଷକ ଦେବରାଜ ସେଠୀ ସୂଚନା ଦେଇଛନ୍ତି । ଏହି ଜାଲ ସାର୍ଟିଫିକେଟରେ ଚାକିରୀ କରିଥିବା ସମସ୍ତଙ୍କ ବିରୋଧରେ ଟାଉନ ଥାନାରେ ଏତଲା ଦିଆଯାଇଛି । ଜାଲ୍ ସାର୍ଟିଫିକେଟ ଦେଇ ଚାକିରୀ ପାଇଁ ଆବେଦନକାରୀ ଏବଂ ଚାକିରୀ କରିଥିବା ୩ ଜଣଙ୍କୁ ସମ୍ପୂର୍ଣ୍ଣ ବିଦା କରାଯିବା ଘଟଣା ଏବେ ଚର୍ଚ୍ଚାର ଖୋରାକ୍ ଯୋଗାଇଛି । ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ଥାନା କୁଳଣାର ସୋରୋ ଅଂଚଳର ମାମାଶ୍ରି ଭାରତୀ ଗ୍ରାମୀଣ ଡାକ ସେବକ ଭାବେ ତେଣ୍ଡାକୁଡ଼ାର ଧରାବିଲ ପୋଷ୍ଟାଲ କାର୍ଯ୍ୟାଳୟରେ ବିପିଏମ ଭାବେ କାର୍ଯ୍ୟ କରୁଥିଲେ । ତାଙ୍କର ମାଟ୍ରିକ ସାର୍ଟିଫିକେଟ ଯାଂଚ୍ ସମୟରେ ଏହା ଜାଲ୍ ବୋଲି ଜଣାପଡିଥିଲା। ସେ ୨୦୧୯ରେ ଉତରପ୍ରଦେଶ ଶାନ୍ତି ନିକେତନ ଇଂଟକଲ ତେଇକୁଆ ଦେରୋରିଆ ବିଦ୍ୟାଳୟରୁ ପାସ୍ ସାର୍ଟିଫିକେଟ ଦାଖଲ କରିଥିଲେ । ଏନେଇ କେନ୍ଦ୍ରାପଡ଼ା ଡାକ ବିଭାଗ ପକ୍ଷରୁ ଯାଂଚ୍ କରାଯାଇ ଭାରତୀଙ୍କୁ କାର୍ଯ୍ୟାଳୟକୁ ଡକାଯାଇଥିଲା, ହେଲେ ସେ କାର୍ଯ୍ୟାଳୟ ଗଲେନି କି ଆଉ କାହା ସହିତ ଯୋଗାଯୋଗରେ ରହିଲେନି । ଅନ୍ୟପଟେ ବିଭାଗ ପକ୍ଷରୁ ଇଂଟରନେଟ ଜରିଆରେ ଭାରତୀଙ୍କ ସମସ୍ତ ସାର୍ଟିଫିକେଟ ଯାଂଚ୍ ହେବାରୁ ଉତରପ୍ରଦେଶରେ ଏହିଭଳି କିଛି ବିଦ୍ୟାଳୟ ନଥିବା ଜାଣିବାକୁ ମିଳିଥିଲା । ଏନେଇ ଭାରତୀଙ୍କୁ ଗତ ୨୦ ତାରିଖରେ ଚାକିରୀରୁ ବିଦା କରାଯାଇଛି । ଟାଉନ ଥାନାରେ ଡାକ ଅଧିକ୍ଷକ ଏକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଭାରତୀଙ୍କ ବିରୋଧରେ ଏକ ମାମଲା ୧୩୧/୨୩ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ସେହିଭଳି ଅନ୍ୟ ଦୁଇଜଣ ପୋଷ୍ଟ ମାଷ୍ଟର ଜାଲ ସାର୍ଟିଫିକେଟ ଦେଇ ଚାକିରୀ କରିଥିବା ନେଇ ଧରାପଡିବା ପରେ ସେମାନଙ୍କୁ ମଧ୍ୟ ଚାକିରୀରୁ ବିଦା କରାଯାଇଥିବା ଡାକ ଅଧିକ୍ଷକ ସୂଚନା ଦେଇଛନ୍ତି । ପଟ୍ଟାମୁଣ୍ଡାଇ ନରସିଂହପୁରର ଡିହପଡ଼ା ପୋଷ୍ଟାଲ କାର୍ଯ୍ୟାଳୟରେ ଗତ ବର୍ଷ ଅକ୍ଟୋବର ମାସରୁ ବିପିଏମ ଭାବେ କାର୍ଯ୍ୟରତ ସୌମ୍ୟରଞ୍ଜନ ସେଠୀ ଜାଲ ସାର୍ଟିଫିକେଟରେ ଚାକିରୀ ଯୋଗୁ ବିଦା ହୋଇଛନ୍ତି । ସେହିଭଳି ଚଉଦକୁଲାଟ କଦଳୀବଣ ପୋଷ୍ଟ ଅଫିସରେ ବିପିଏମ ଭାବେ ଗତ ବର୍ଷ ଅକ୍ଟୋବରରୁ କାର୍ଯ୍ୟରତ ପ୍ରସନ୍ନ ସେଠୀଙ୍କୁ ଜାଲ ସାର୍ଟିଫିକେଟରେ ଚାକିରୀ କରିଥିବା ନେଇ ଚାକିରୀରୁ ବିଦା କରାଯିବା ସହ ଉଭୟଙ୍କ ବିରୋଧରେ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଡାକ ଅଧିକ୍ଷକ ସୂଚନା ଦେଇଛନ୍ତି । ଗତ ମାର୍ଚ୍ଚ ୨୧ତାରିଖରେ ଗ୍ରାମୀଣ ଡାକ ସେବକ ପାଇଁ ଭଦ୍ରକ ଜିଲ୍ଲା ଲୁଣିଆ ଗ୍ରାମର ହୃଦାନନ୍ଦ ଜେନାଙ୍କ ବିବାହିତା ଝିଅ ଅନିତା ଜେନା ଆବେଦନ କରିଥିଲେ । ମେରିଟ୍ ଲିଷ୍ଟ ପ୍ରକାଶିତ ହେବା ପରେ ଗତ ୨୧ ତାରିଖରେ ତାଙ୍କୁ କେନ୍ଦ୍ରାପଡ଼ା ଡିଭିଜନ ଅଫିସକୁ ସାର୍ଟିଫିକେଟ୍ ଯାଂଚ୍ ପାଇଁ ଡକାଯାଇଥିଲା । ସେ ସାର୍ଟିଫିକେଟ୍ ସହିତ ଆସି ପୂର୍ବାହ୍ନରେ ପହଂଚିବା ପରେ ଯାଂଚ୍ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଉତରପ୍ରଦେଶର ଆଦର୍ଶ ଆରିୟା ଏସଏସ୍ ଏଚଏସଏସ୍ ତରୁଲୀ ହାର୍ଦୋଇ ହାଇସ୍କୁଲରୁ ୨୦୦୯ମସିହାରେ ମାଟ୍ରିକ୍ ? ପାସ୍ କରିଥିବା ଅନିତା ସାର୍ଟିଫିକେଟ ଦେଖାଇଥିଲେ । ଏହାପରେ କର୍ତ୍ତୃପକ୍ଷ ଯେତେବେଳେ ତାଙ୍କ ମାର୍କସିଟ୍ ଦେଖିଲେ, ସେତେବେଳେ ବିଭିନ୍ନ ବିଷୟରେ ରଖିଥିବା ନମ୍ବର ଦେଖି ଆଶ୍ଚର୍ଯ୍ୟ ହୋଇ ସନ୍ଦେହ କରିଥିଲେ । କେବଳ ସାହିତ୍ୟ କାହିଁକି, ଏମିତି ଗୋଟିଏ ବିଷୟ ନ ଥିଲା, ଯେଉଁଥିରେ ୯୦ରୁ ଅଧିକ ମାର୍କ ନଥିଲା । ସବୁ ବିଷୟରେ ୯୦ରୁ ଅଧିକ ନମ୍ବର ଏବଂ ୬୦୦ରୁ ୫୭୭ ମାର୍କ ରଖି ମାଟ୍ରିକ୍ ପାସ୍ କରିଥିବା ଅନିତା ଦର୍ଶାଇଥିଲେ। ମାତ୍ର କର୍ତ୍ତୃପକ୍ଷ ନମ୍ବରକୁ ଦେଖି ସନ୍ଦେହ ହେବା ପରେ ବିଭିନ୍ନ ପ୍ରଶ୍ନ ପଚାରିବାରୁ ଅନିତା ହଡ଼ବଡ଼େଇ ଯାଇ ସବୁ ସତ ମାନି ଯାଇଥିଲେ । ଏହାପରେ ଅନିତା ଜାଲ ସାର୍ଟିଫିକେଟ ପ୍ରସ୍ତୁତ କରିଥିବା ନେଇ କର୍ତ୍ତୃପକ୍ଷ ଜାଣିବା ପରେ ଥାନାରେ ଏତଲା ଦେଇଥିଲେ ।

## ମାନହାନୀ କେସ୍ : ହାଇକୋର୍ଟ ଗଲେ ରାହୁଲ ଗାନ୍ଧି

ନୂଆଦିଲ୍ଲୀ, ୨୫।୪(ପି.ଏନ): ମାନହାନୀ କେସ୍‌ରେ ଦୋଷୀ ସାବ୍ୟସ୍ତ ହୋଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧି ଗୁଜରାଟ ହାଇକୋର୍ଟରେ ଆବେଦନ କରିଛନ୍ତି। ମୋଦି ସରନେମକୁ ନେଇ ସେ ବିବାଦୀୟ ବୟାନ ଦେଇଥିବାରୁ ତାଙ୍କୁ ପ୍ରଥମେ ସୁରତର ଜୁଡିସିଆଲ ମାଜିଷ୍ଟ୍ରେଟ କୋର୍ଟ ଦୋଷୀ ସାବ୍ୟସ୍ତ କରିଥିଲେ। ଏହାପରେ ସେ ସେସନ୍ସ କୋର୍ଟରେ ଏହା ବିରୋଧରେ ଆବେଦନ କରି ନିରାଶ ହୋଇଥିଲେ। ଏବେ ସେ ଆଶ୍ୱସ୍ତି ପାଇଁ ହାଇକୋର୍ଟରେ ଆବେଦନ କରିଛନ୍ତି। ତଳ କୋର୍ଟ ରାହୁଲ ଗାନ୍ଧିଙ୍କୁ ଦୋଷୀ ସାବ୍ୟସ୍ତ



କରିଥିବାରୁ ତାଙ୍କୁ ସାଂସଦ ପଦ ରଦ୍ଦ ହୋଇଛନ୍ତି। ସେହିପରି ସେ ତାଙ୍କ ସରକାରୀ ବଙ୍ଗଳା ମଧ୍ୟ ଖାଲି କରି ଦେଇଛନ୍ତି। ହେଲେ ଏବେ ସେ ତଳ କୋର୍ଟଙ୍କ ରାୟ ଉପରେ ରୋକ ଲଗାଇବା ପାଇଁ ଗୁଜରାଟ ହାଇକୋର୍ଟରେ ଆବେଦନ କରିଛନ୍ତି। ଯଦି କୋର୍ଟ ତାଙ୍କୁ ଆଶ୍ୱସ୍ତି ପ୍ରଦାନ କରିବେ, ତା'ହେଲେ ସେ ସାଂସଦ ପଦ ଫେରିପାଇବାକୁ ସକ୍ଷମ ହେବେ।

## ଗଲଓ୍ୱାନ ସଂଘର୍ଷ: ପ୍ରଥମଥର ବୈଠକ କରିବେ ଭାରତ ଓ ଚାଇନାର ପ୍ରତିରକ୍ଷା ମନ୍ତ୍ରୀ

ନୂଆଦିଲ୍ଲୀ, ୨୫।୪(ପି.ଏନ): ଗଲଓ୍ୱାନ ଘାଟି ସଂଘର୍ଷ ପରେ ପ୍ରଥମଥର ପାଇଁ ଭାରତ ଓ ଚାଇନାର ପ୍ରତିରକ୍ଷା ମନ୍ତ୍ରୀ ବୈଠକ କରିବେ। ସଂଘାଇ କୋପୋରେସନ ଅର୍ଗାନାଇଜେସନ (ଏସ୍ ?ସିଓ)ର ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ବୈଠକ ଏପ୍ରିଲ ୨୮ରେ ହେବ। ଏହି ଅବସରରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ତାଙ୍କ ଚାଇନା ପ୍ରତିପକ୍ଷ ଲି ଶଙ୍ଗଫୁ ପରସ୍ପର ସହ ଆଲୋଚନା କରିବେ ବୋଲି ଜଣାପଡିଛି। ପୂର୍ବ ଲଦାଖରେ ଦେଖାଯାଇଥିବା ସୀମା ବିବାଦ ଯୋଗୁ ଦୁଇ ଦେଶ ମଧ୍ୟରେ ଥିବା ଦ୍ୱିପାକ୍ଷିକ ସମ୍ପର୍କ ପ୍ରଭାବିତ



ହୋଇଛି। ତେଣୁ ଆଲୋଚନା ବେଳେ ଦୁଇ ଦେଶର ନେତା ଏବିଷୟରେ ବିସ୍ତୃତ ଭାବେ ଆଲୋଚନା କରିବେ। ଏହାବାଦ ରାଜନାଥ ସିଂହ ଏସ୍ ?ସିଓ ବୈଠକରେ ଯୋଗ ଦେବାକୁ ଥିବା ଅନ୍ୟ କିଛି ଦେଶର ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ସହ ମଧ୍ୟ ୱାନ ଟୁ ୱାନ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

## ନିର୍ବାଚନ ଆଚରଣ ବିଧିର ଅନୁପାଳନ ସକାଶେ ପ୍ରାର୍ଥୀ ମାନଙ୍କର ସହଯୋଗ କାମନା

ଝାରସୁଗୁଡ଼ା, ୨୫।୪(ପି.ଏନ): ୦୭-ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ଉପ ନିର୍ବାଚନ ସକାଶେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶିତ ହୋଇଛି। ତାଲିକା ଅନୁସାରେ ମୋଟ ନ'ଜଣ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବେ। ସ୍ୱଚ୍ଛ ମୁକ୍ତ ଓ ଅବାଧ ନିର୍ବାଚନ ପରିଚାଳନା ପାଇଁ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶିକାର ଅନୁପାଳନ ହେଉଛି କି ନାହିଁ ତଦାରଖ ପାଇଁ ଜିଲ୍ଲାରେ ସାଧାରଣ ପର୍ଯ୍ୟବେକ୍ଷକ ପହଂଚିଛନ୍ତି। ସେହିପରି ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ କାର୍ଯ୍ୟ ତଦାରଖ ସକାଶେ ପୁଲିସ ପର୍ଯ୍ୟବେକ୍ଷକ ମଧ୍ୟ ପହଂଚିଛନ୍ତି । ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ବୈଠକରେ ସାଧାରଣ ପର୍ଯ୍ୟବେକ୍ଷକ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଦେଓ କ୍ରିଷ୍ଣା ତିୱାରୀ ଏବଂ ପୁଲିସ ପର୍ଯ୍ୟବେକ୍ଷକ ଭାରତୀୟ ପୁଲିସ ସେବା ଅଧିକାରୀ ହମିଦ ଅଖତର ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନଙ୍କ ସହ ଆଲୋଚନା ଅବସରରେ ସ୍ୱଚ୍ଛ, ମୁକ୍ତ ଓ ଅବାଧ ନିର୍ବାଚନ ପରିଚାଳନା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି। ଆଦର୍ଶ ଆଚରଣ ବିଧି ଉଲଂଘନ ହେଉଥିଲେ ସି ଭିଜିଲ ଆପ ମାଧ୍ୟମରେ ଅଭିଯୋଗ ଦାଖଲ ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଇଛି। ନିର୍ବାଚନ ପରିପ୍ରେକ୍ଷୀରେ କଣ କରାଯିବ ଓ କଣ କରା ନଯିବ ସେ ସମ୍ପର୍କରେ ପ୍ରାର୍ଥୀମାନଙ୍କୁ ଅବଗତ କରାଯାଇଥିଲା। ନିର୍ବାଚନ ସଂକ୍ରାନ୍ତରେ କୌଣସି ସାଧାରଣ ଅଭିଯୋଗ ଥିଲେ ସାଧାରଣ ପର୍ଯ୍ୟବେକ୍ଷକଙ୍କୁ ମୋବାଇଲ ନମ୍ବର ୮୮୯୫୮୩୨୯୬୭ଙ୍କୁ ଯୋଗାଯୋଗ କରାଯାଇପାରିବ। ସେହିପରି ପୁଲିସ ପର୍ଯ୍ୟବେକ୍ଷକଙ୍କୁ ମୋବାଇଲ ନମ୍ବର ୮୪୮୦୪୪୫୧୨୫ ଯୋଗେ ଯୋଗାଯୋଗ କରାଯାଇପାରିବ। କାର୍ଯ୍ୟ ଦିବସରେ ଉଭୟ ପର୍ଯ୍ୟବେକ୍ଷକଙ୍କୁ ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ପ୍ରଥମ ମହଲାରେ ପର୍ଯ୍ୟବେକ୍ଷକଙ୍କ ପ୍ରକୋଷ୍ଠରେ ଦିନ ଦଶଟାରୁ ଦିନ ସାଢ଼େ ଏଗାରଟା ମଧ୍ୟରେ ସାକ୍ଷାତ କରାଯାଇପାରିବ।

## ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ "ବିଶ୍ୱ ମାଲେରିଆ ଦିବସ'ରେ ସଚେତନତା ଅଧିବେଶନ ଆୟୋଜିତ




ଦାନଗଦି,୨୫।୪(ପି.ଏନ): - ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସ୍‌ଏଫ) ପକ୍ଷରୁ ମଙ୍ଗଳବାର ଦିନ ଯାଜପୁର ଜିଲ୍ଲାରେ ଦାନଗଦି ବ୍ଲକ ଅଧୀନସ୍ଥ ଶାଳିଜଙ୍ଗା ପଂଚାୟତ କାର୍ଯ୍ୟାଳୟରେ ଜିଲ୍ଲା ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ଓ ଜାତୀୟ ଭୂତାଣୁ (ଭେକ୍ଟର) ବାହିତ ରୋଗ (ଭିବିଡି) ନିୟନ୍ତ୍ରଣ କାର୍ଯ୍ୟକ୍ରମ ସହଯୋଗିତାରେ ଏକ ସଚେତନତା ଅଧିବେଶନେ ସହ ବିଶ୍ୱ ମାଲେରିଆ ଦିବସ, ୨୦୨୩ ପାଳନ କରାଯାଇଛି । ସମାନରେ ସଚେତନତା ବଢ଼ାଇବା ଲାଗି ସଚେତନତା ଅଧିବେଶନ ବ୍ୟତୀତ, ପଂଚାୟତର ସମସ୍ତ ବାସିନ୍ଦାଙ୍କୁ ୧୩୦୦୦ ମଶାରି ବଂଟନ କରାଯାଇଥିଲା । ସାର୍ବଜନୀନ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ଲାଗି ଫାଇଣ୍ଡେସନର ରହିଥିବା ସାମଗ୍ରିକ ରଣନୀତି ଅନୁସାରେ ଏହି ଅଭିଯାନଆୟୋଜନ କରାଯାଇଥିଲା ।ଏହି ଅବସରରେ ଯାଜପୁରର ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ଶିବାଶିଷ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଯାଜପୁରର ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଏଡିପିଏଚ୍), ଭିବିଡି ଡକ୍ଟର ପ୍ରଦୀପ୍ତ କୁମାର ସାହୁ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମର ଉପଦେଷ୍ଟା ଶ୍ରୀ ସୁନିଲ କୁମାର ମହତୋ, ଶାଳିଜଙ୍ଗା ପଂଚାୟତର ସରପଂଚ୍ ବିଜୟଲକ୍ଷ୍ମୀ ଦାଶ, ଟିଏସ୍‌ଏଫ୍ ଜନ ସ୍ୱାସ୍ଥ୍ୟ ଓଡ଼ିଶାର ମୁଖ୍ୟ ଡକ୍ଟର ନୀଳିମା ତିର୍କୀ, ଟିଏସ୍‌ଏଫ୍ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଭିଯାନର ପ୍ରବନ୍ଧକ ଶ୍ରୀ ଅକ୍ଷୟ କୁମାର ନାୟକ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଟାଟା ଷ୍ଟିଲ୍ ଫାଉଣ୍ଡେସନର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ " ଶୂନ୍ୟ ମାଲେରିଆ ପ୍ରଦାନ କରିବାର ସମୟ: ନିବେଶ, ନବସୃଜନ ଓ କାର୍ଯ୍ୟକାରୀତା' ହେଉଛି ସୁସ୍ଥକର ସମାଜ ଗଠନ କରିବା ଏବଂ ମାଲେରିଆ, ଡେଙ୍ଗୁ, ଫିଲାରିଆସିସ୍, ଜାପାନିଜ୍ ଏନ୍‌ସେଫାଲାଇଟିସ୍, ଇତ୍ୟାଦି ମଶା ଜନିତ ବିଭିନ୍ନ ରୋଗ ଯାହା ଏକ ଗୁରୁତ୍ୱପୂର୍ଣ୍ଣ ଜନ ସ୍ୱାସ୍ଥ୍ୟ ସମସ୍ୟା ଓ ସମାଜରେ ମୃତ୍ୟୁ ଓ ରୋଗର କାରଣ ହୋଇ ରହିଛି ତାହାର ମୁକାବିଲା କରିବା ଲାଗି ଟାଟା ଷ୍ଟିଲ୍ ଫାଉଣ୍ଡେସନର ରହିଥିବା ପ୍ରତିବଦ୍ଧତାର ଏକ ଅଂଶ ।ଏହି ଅଭିଯାନ ସମ୍ପର୍କରେ ଟାଟା ଷ୍ଟିଲ୍ ଫାଉଣ୍ଡେସନର ଜନ ସ୍ୱାସ୍ଥ୍ୟ ମୁଖ୍ୟ ଡକ୍ଟର ଅନୁଜ ଭଟ୍ଟନାଗର ନିଜ ଭାବନା ବ୍ୟକ୍ତ କରି କହିଛନ୍ତିଯେ, "ସୁସ୍ଥକର ସମାଜ ଗଠନ କରିବା ଏବଂ ମାଲେରିଆ, ଡେଇ, ପିଲାଟିଆସିସ୍, ଜ ପାନିକ୍ ଏନ୍‌ସେଫାଲାଇଟିସ୍, ଇତ୍ୟାଦି ମଶା ଜନିତ ବିଭିନ୍ନ ରୋଗର ଯାହା ଏକ ଗୁରୁତ୍ୱପୂର୍ଣ୍ଣ ଜନ ସ୍ୱାସ୍ଥ୍ୟ ସମସ୍ୟା ଓ ସମାଜରେ ମୃତ୍ୟୁ ଓ ରୋଗର କାରଣ ହୋଇ ରହିଛି ତାହାର ମୁକାବିଲା କରିବା ଲାଗି ଟାଟା ଷ୍ଟିଲ ଫାଉଣ୍ଡେସନର ରହିଥିବା ପ୍ରତିବଦ୍ଧତାର ଏକ ଅଂଶ । ଏହି କାର୍ଯ୍ୟକ୍ରମର ଅଂଶ ଭାବେ ମଶା ଜନିତ ରୋଗକୁ ପ୍ରତିରୋଧ କରିବା ଲାଗି ବିଭିନ୍ନ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ସହଯୋଗିତାରେ ଟିଏସ୍‌ଏଫ୍ ପକ୍ଷରୁ ଓଡ଼ିଶା ଓ ଝାଡ଼ଖଣ୍ଡର ୮ ବ୍ଲକ୍‌ରେ ୬୭, ୯୭୩ ମଶାରି ବଂଟନ କରାଯାଇଥିଲା ।








# ଟି ଟାଇମ୍

## ଜୋକ୍ସ



ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜ୍ୱତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଶ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଣ୍ଟକଙ୍କ ଭିଡ। ଏହି ଉଦେଶ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟଣ୍ଟରେ ସାହାଯଣ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ଟ୍ୟାଳୟରେ ସ୍ନାତ୍ତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ଟ୍ୟତୀତ ଅନଣ୍ଟ୍ୟ ରାଜଣ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ଟ୍ୟାରେ ପର୍ଯ୍ୟଣ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଣ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯ୍ୟଣ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯ୍ୟଣ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଣ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଣ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯ୍ୟଣ୍ଟ୍ୟଟକଙ୍କ ଭିଡକୁ ଲକ୍ଷଣ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯ୍ୟଣ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚ୍ୟୁଣ୍ଟ୍ୟତି ହେବି ନାହିଁ।



# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟଣ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯ୍ୟଣ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯ୍ୟଣ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯ୍ୟଣ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

**ପର୍ଯ୍ୟବେକ୍ଷକ ସମ୍ପାଦକୀୟ**

**ଭୁବନେଶ୍ୱର, ୨୦୨୩, ଅପ୍ରେଲ ୨୬**

# ଉତ୍କଳର ଶତାବ୍ଦୀ ପୁରୁଷ ଗଜପତି କୃଷ୍ଣଚନ୍ଦ୍ର



ଉମାଶଙ୍କର ପ୍ରସାଦ

ଜଣେ ଶାସକ କିପରି ଦକ୍ଷ ହୋଇପାରେ , ନିଜର ପ୍ରଜାମାନଙ୍କର ଉନ୍ନତି ଶାସକର କିପରି ଧେୟ ହୋଇପାରେ ଆଉ ଶାସକ ମଧ୍ୟ ନିଜ ଜାତିର, ମାତୃଭାଷାର କିପର ରକ୍ଷାକରିପାରେ ତାହାର ବିମୂର୍ତ୍ତ ପ୍ରତୀକ ହେଉଛନ୍ତି କୃଷ୍ଣଚନ୍ଦ୍ର ଗଜପତି । ଓଡ଼ିଶା ପ୍ରଦେଶ ଗଠନରେ ମଧୁବାବୁଙ୍କ ସହ ସଂଯୋଗ ମଣିକାଞ୍ଚନ ସଦୃଶ ଥିଲା । ସେହି ସଂକ୍ରାନ୍ତି ପୁରୁଷ ଉତ୍କଳ ମାଟିରେ ପାରଳାଖେମୁଣ୍ଡିର ସୁଯୋଗ୍ୟ ରାଜା ଗୌରଚନ୍ଦ୍ର ଗଜପତିଙ୍କ ଔରସରୁ ଓ ରାଣୀ ରାଧାମଣୀ ଦେବୀଙ୍କ ଗର୍ଭରୁ ୧୮୯୨ମସିହା ଏପ୍ରିଲ ୨୬ତାରିଖରେ ଓଡ଼ିଆ ଜାତିର ପ୍ରାଣକର୍ତ୍ତା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଜନ୍ମ ଗ୍ରହଣ କରିଥିଲେ । ପିତାଙ୍କ ଶୃଙ୍ଖଳା, ପିତୃବ୍ୟ ପଦ୍ମନାଭ ଦେବଙ୍କ ସଂସ୍କୃତି ପ୍ରୀତି ଓ ଗଜପତି ରାଜ ବଶଂର ପୂର୍ବଜମାନଙ୍କର କାର୍ଯ୍ୟାବଳୀର ପ୍ରତ୍ୟେକ୍ଷ ଓ ପରୋକ୍ଷ ପ୍ରଭାବ କୃଷ୍ଣଚନ୍ଦ୍ରଙ୍କୁ ଏକ ମହାନ ବ୍ୟକ୍ତିତ୍ୱର ଅଧିକାରୀ କରାଇଥିଲା । ସେ ଥିଲେ ଅତ୍ୟନ୍ତ ସ୍ୱାଭୀମାନି ଓ ସତ୍ୟନିଷ୍ଠ । ଜନହିତକର ପରିକଳ୍ପନା କାର୍ଯ୍ୟକାରୀ କରିବା ପାଇଁ ସେ ଶପଥ ନେଇଥିଲେ ।

ପାରଳାଖେମୁଣ୍ଡିର ବିଭିନ୍ନ ଅଞ୍ଚଳରେ ଶିକ୍ଷାର ପ୍ରସାର କରିବା ପାଇଁ ଅନେକ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ମାନ୍ଦ୍ରାଜରେ ଥିବା ଉଚ୍ଚବିଦ୍ୟାଳୟକୁ ସେ ନିଜ ଗୁରୁଙ୍କ ନାମାନୁସାରେ ନାମିତ କରିଥିଲେ । ମହାରାଜାଙ୍କର ମାତୃଭୂମି ତଥା ଓଡ଼ିଆ ଭାଷା ସାହିତ୍ୟ ପ୍ରତି ପ୍ରଗାଢ଼ ମମତା ଥିଲା । ମଧୁବାବୁଙ୍କ ସହିତ ତାଙ୍କର ଥିଲା ନିବିଡ଼ ବନ୍ଧୁତା । ଓଡ଼ିଆ ଭାଷାର ସୁରକ୍ଷା ଓ ଓଡ଼ିଆ ଭାଷାଭାଷୀଙ୍କୁ ଏକ ଶାସନାଧିନ କରିବା ପାଇଁ ଓ ସଂଗଠିତ ଓଡ଼ିଆଙ୍କ ସମସ୍ୟା ସମାଧନ ପାଇଁ ଏକ ଜାତିୟ ଅନୁଷ୍ଠାନର ସ୍ୱପ୍ନ ସେ ଦେଖିଥିଲେ । ୧୯୦୨ରେ ବ୍ରହ୍ମପୁରଠାରେ ଗଞ୍ଜାମ ସମ୍ମିଳନୀ ଓ ୧୯୦୩ରେ କଟକଠାରେ "ଉତ୍କଳ ସମ୍ମିଳନୀ" ଗଠନ ହୋଇଥିଲା । ମଧୁସୂଦନ ଦାସ ଓ ରାଜାଙ୍କ ପୌରହିତ୍ୟରେ ଉତ୍କଳ ସମ୍ମିଳନୀର ୧୦ମ ଅଧିବେଶନ ପାରଳାଖେମୁଣ୍ଡିରେ ୧୯୧୪ ଡିସେମ୍ବର ୨୬ ଓ ୨୭ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା । ତାଙ୍କର ଜାତୀୟବାଦ ମନୋଭାବ ସମସ୍ତଙ୍କ ମନରେ ଉନ୍ମାଦନା ସୃଷ୍ଟି କରିଥିଲା । ସମ୍ମିଳନୀ ପ୍ରାରମ୍ଭରେ ଓଡ଼ିଆ ଭାଷାଭାଷିଙ୍କୁ ଏକ ଶାସନାଧୀନ କରିବା ପାଇଁ ଓଡ଼ିଆ ଅଞ୍ଚଳକୁ ଏକାଠି କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦାବୀ ଉପସ୍ଥାପିତ କରିଥିଲେ । ଏବଂ ସର୍ବସମ୍ମତି କ୍ରମେ ଏ ପ୍ରସ୍ତାବ ବହୁ ପ୍ରତିନିଧିଙ୍କ ସମର୍ଥନ ହେତୁ ଓଡ଼ିଶା ପ୍ରଦେଶ ଗଠନ ଦାବୀ ସରକାରଙ୍କ ଠାରେ ଉପସ୍ଥାପିତ କରିବା ପାଇଁ ଗୃହୀତ ହୋଇଥିଲା । ଅନ୍ୟପ୍ରସ୍ତାବ ଭିତରେ କୋର୍ଟ ମାନଙ୍କରେ ଓଡ଼ିଆ ଭାଷାର ପ୍ରଚଳନ, ଓଡ଼ିଆ ସ୍କୁଲ ପ୍ରତିଷ୍ଠା, ସେଥିରେ ଓଡ଼ିଆ ଶିକ୍ଷକ ନିଯୁକ୍ତି, ଖୋର୍ଦ୍ଧା, ସମ୍ବଲପୁର ରେଳରାସ୍ତା ନିର୍ମାଣ ଓ ବିଶାଖାପାଟଣା, ଜୟପୁରକୁ ନେଇ ଏକ ସ୍ୱତନ୍ତ୍ର ଜିଲା ଗଠନ ଦାବୀ ସର୍ବସମ୍ମତି କ୍ରମେ ନିର୍ଦ୍ଧାରଣ ହୋଇଥିଲା । ମହାରାଜା ଗଜପତି ସାର୍ ମଣ୍ଟେଗୁଚେମ୍ସ ଫୋର୍ଡଙ୍କ ନିକଟକୁ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ସ୍ମାରକ ପତ୍ର ପ୍ରେରଣ କରିଥିଲେ । ସେ ମଧ୍ୟ କୃଷି କ୍ଷେତ୍ରରେ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ । ରାଜନୀତିରେ ପାଦ ଥାପି ଦାୟିତ୍ୱ ଗ୍ରହଣ କରିବା ପରେ କାଶୀନଗର ନିକଟରେ "ନଳିନୀ କୃଷ୍ଣ ସାଗର" ଓ ବର୍ତ୍ତମାନ ଶ୍ରୀକାକୁଲମ୍ ଜିଲା ମଧ୍ୟରେ ଥିବା "ବାସା ସାଗର" ନିର୍ମାଣ କରିଥିଲେ ।

ଏକଦା ପାରଳାଖେମୁଣ୍ଡି ଥିଲା ଶିକ୍ଷାର ପ୍ରାଣକେନ୍ଦ୍ର । ସେ ତାଙ୍କ ପ୍ରଚେଷ୍ଟାରେ ସେଠାରେ ଅନେକ ସଂସ୍କୃତ ଟୋଲ୍ ପ୍ରତିଷ୍ଠା କରି ତାକୁ ପରେ କଲେଜରେ ପରିଣତ କରିଥିଲେ । ସେ 'ଗଜପତି ପ୍ରେସ୍' ସ୍ଥାପନ କରି ନିଜର ସମ୍ପାଦନାରେ ଇଂରାଜୀ ସାପ୍ତାହିକ 'ଗଂଜାମ ନିଉଜ୍' ପ୍ରକାଶ କରିଥିଲେ । ୧୯୩୦ ମାନ୍ଦ୍ରାଜ ବିଧାନ ସଭା ନିର୍ବାଚନରେ ବିପୁଳ ଭୋଟରେ ବିଜୟ ହୋଇ ଓଡ଼ିଆ ଭାଷା ସୁରକ୍ଷା ଓ ଓଡ଼ିଆଙ୍କ ସ୍ୱାର୍ଥ ରକ୍ଷା ଓ ସ୍ୱତନ୍ତ୍ର ଓଡ଼ିଶା ଗଠନ ସମେତ ମାନ୍ଦ୍ରାଜ ପ୍ରଦେଶରେ ରହିଥିବା ସମସ୍ତ ଓଡ଼ିଆ ଭାଷାଭାଷୀ ଅଂଚଳକୁ ଓଡ଼ିଶାରେ ମିଶାଇବା ପାଇଁ କାର୍ଯ୍ୟ କରିଥିଲେ ଏବଂ ଓଡ଼ିଆଙ୍କ ପ୍ରତିନିଧି ଭାବେ ଲଣ୍ଡନ ଠାରେ ଅନୁଷ୍ଠିତ ହୋଇଥିବା 'ଗୋଲ୍ ଟେବୁଲ୍ ବୈଠକ'ରେ ଯୋଗ ଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଦୃଢ଼ ଦାବୀ ଉପସ୍ଥାପିତ କରିଥିଲେ । ଏହିପରି କ୍ରମାନ୍ୱୟରେ ୧୯୩୧ରେ ଦ୍ୱିତୀୟ ଗୋଲ୍ ଟେବୁଲ୍ ବୈଠକରେ ଡିସେମ୍ବର ୨୪ ତାରିଖରେ ଓଡ଼ିଶା ପ୍ରଦେଶ ଗଠନର ଚୁଡାନ୍ତ ନିଷ୍ପତ୍ତି ନିଆଯାଇଥିଲା । ଦୀର୍ଘ ଅର୍ଦ୍ଧଶତାବ୍ଦୀର ଆନ୍ଦୋଳନ ପରେ ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା । ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ହେବାର ଗୌରବ ହାସଲ କରିଥିଲେ । ଉତ୍କଳ ପ୍ରଦେଶ ଗଠନର ଏହି ମହାନ୍ କାଣ୍ଡାରୀ ଉତ୍କଳର ବରପୁତ୍ର ପାରଳାଖେମୁଣ୍ଡି ରାଜବଂଶର ସୁଯୋଗ୍ୟ ଦାୟାଦଙ୍କର ମହାପ୍ରୟାଣ ଘଟିଥିଲା ୧୯୭୪ ମସିହା ମେ ୨୫ ତାରିଖ ପୂର୍ବାହ୍ନ ଘ ୧୧.୩୦ମିରେ । ଓଡ଼ିଆ ଓ ଓଡ଼ିଶା ପାଇଁ ଅବିରତ ଯାହାଙ୍କ ପ୍ରାଣ କାନ୍ଦୁଥିଲା ସେ ପାଲଟି ଯାଇଥିଲେ ସମଗ୍ର ଓଡ଼ିଆ ଜାତି ପାଇଁ ଭୀଷ୍ମ ପିତାମହ ଓ ଶତାବ୍ଦୀ ପୁରୁଷ ।

# ଏ ଜାତିକୁ ଆଉ ଜଣେ ମଧୁବାରିଷ୍ଟର ଦରକାର !!

ବାସ୍ତବ କଥା ହେଉଛି ଆଜିକାର ମୂଲ୍ୟବୋଧହୀନ ଓ ସ୍ୱାର୍ଥଲିପ୍ସୁ ଜୀବନ ଭିତରେ ନିଜ ରାଜ୍ୟ, ସଂସ୍କୃତି ଓ ଭାଇଚାରାକୁ ବନ୍ଧନୀରେ ରଖିବା ପାଇଁ ଉତ୍କଳ ଗୌରବ ମଧୁସୂଦନ ଯେଉଁ ନିଃସ୍ୱାର୍ଥପର ତ୍ୟାଗ କରିଯାଇଛନ୍ତି ତାହା ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ପ୍ରତିବର୍ଷ ପରି ଆଜିର ଦିନରେ ସରକାରୀ ଓ ବେସରକାରୀ ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ବକ୍ତାମାନେ ଗଳା ଫଟାଇ ମଧୁବାବୁଙ୍କ ଉପରେ ବହୁତ ଭାଷଣ ଦେବେ । ମଧୁବାବୁ କିପରି ବହୁକ୍ଷେତ୍ରରେ ପ୍ରଥମ ଥିଲେ, ତାଙ୍କ ଉଦ ୟମରେ କିପରି ଏ ରାଜ୍ୟର ଗଠନ ସମ୍ଭବ ହୋଇଥିଲା ସେନେଇ ଇତିହାସର ପୃଷ୍ଠାକୁ ବକ୍ତାମାନେ ସ୍ମରଣୀୟ କରି ଗଢ଼ି ତୋଳିବେ । କିନ୍ତୁ ଦିନକ ପରେ ସମସ୍ତେ ପୁଣି ଭୁଲିଯିବେ ମଧୁବାବୁଙ୍କୁ । କେଉଁ ପରିସ୍ଥିତିରେ କିଭଳି ଅଦମ୍ୟ ସଂକଳ୍ପ ନେଇ ମଧୁବାବୁ ଏ ଜାତି ପାଇଁ ସଂଗ୍ରାମ କରିଥିଲେ ଏବଂ ଅଧବସାୟ ଫଳରେ ଓଡ଼ିଆମାନଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଥିଲେ, ତାହାର ମୂଲ୍ୟ ଯିଏ ନବୁଝିଛି ଏବଂ ସେହି ଅନୁସାରେ ନିଜର ଅବଦାନ ଦେବା ପାଇଁ ଆଗ୍ରହୀ ନ ହୋଇଛି ତାହେଲେ ଏସବୁ ଲୋକଦେଖାଣିଆ ସ୍ମୃତିଚାରଣର କିଛି ଅର୍ଥ ନାହିଁ । ସମ୍ପୂର୍ଣ୍ଣ ପ୍ରତିକୂଳ ପରିସ୍ଥିତିରେ ମଧୁବାବୁ ଏକ ସ୍ୱତନ୍ତ୍ର ଓଡ଼ିଆ ଜାତି ପାଇଁ ସଂଘର୍ଷ କରି ବହୁ ପ୍ରଥମ ପରିଚୟର ସ୍ରଷ୍ଟା ହୋଇଥିଲେ । ନିଜେ ଦେବାଳିଆ ମଧ୍ୟ ହୋଇଥିଲେ । କିନ୍ତୁ ତାଙ୍କୁ ବିରୋଧ କରି ବହୁ ବ୍ୟକ୍ତି ସେତେବେଳେ ବି ମୁଣ୍ଡ ଟେକିଥିଲେ । ତାଙ୍କ ସ୍ୱାଭିମାନର ପରିଭାଷାକୁ ବହୁ ବ୍ୟକ୍ତି ହୃଦୟଙ୍ଗମ କରିନପାରି ତାଙ୍କୁ ଅହଙ୍କାରୀ କହୁଥିଲେ, ପାଗଳ କହୁଥିଲେ । କିନ୍ତୁ ଏହି ପାଗଳାମୀ ଏହି ଅହଙ୍କାର କେବଳ ଓଡ଼ିଆ ଜାତିର ଉନ୍ନତିକଳ୍ପେ ଉଦ୍ଦିଷ୍ଟ ଥିଲା ଏକଥା ଲୋକେ ବହୁ ପଛରେ ବୁଝିଲେ । ସେ ନିଜ ଜୀବଦ୍ଦଶାରେ ଯାହା କରିଯାଇଛନ୍ତି ତାହା ଆଜି କଳ୍ପନା କଲେ ଆଚମ୍ବିତ ହେବାକୁ ପଡ଼େ । ଦଧିଚି ସଦୃଶ ସେ ଓଡ଼ିଆ ଜାତି ପାଇଁ ତିଳ ତିଳ କରି ନିଜକୁ ଦଗ୍ଧ କରିଥିଲେ । କିନ୍ତୁ ବାସ୍ତବରେ ଆମେ ସେହି ଅବଦାନର ମୂଲ୍ୟ ବୁଝିପାରିଛୁ କି ? ଆମେ କେବଳ ନିଜର ବ୍ୟକ୍ତିଗତ ସ୍ୱାର୍ଥ, ଉଚ୍ଚାକାଂକ୍ଷା, ଈର୍ଷା, ଦ୍ୱେଷ ଆଦିରେ ଘାଣ୍ଟି ହୋଇ ସାମୂହିକ ଉନ୍ନତିର କଥା ଭୁଲିଯାଉଛୁ । ହେଲେ ସେଥିପାଇଁ ଆମର ଲଜ୍ଜା କିମ୍ବା ଅନୁଶୋଚନା ନାହିଁ । ଆଜି ରାଜ୍ୟ ପାଇଁ କଣ କଲେ ଆମର ବିକାଶ ହୋଇପାରିବ, ରାଜ୍ୟର ସ୍ୱାଭିମାନ ରକ୍ଷା ହୋଇପାରିବ, ସମସ୍ତେ ଓଡ଼ିଶାକୁ ଏକ ସମ୍ମାନଜନକ ଦୃଷ୍ଟିରେ ଦେଖିବେ, ସେକଥା ସମ୍ଭବ କରିବା ଦିଗରେ କାହାରି ଉଦ୍ୟମ ନାହିଁ । ଯଦିବା କିଛିଲୋକ ଏ ଦିଗରେ ପ୍ରୟାସ କରୁଛନ୍ତି ସେମାନଙ୍କୁ ନା ଉପଯୁକ୍ତ ସମର୍ଥନ ମିଳୁଛି ନା ସୁବିଧା ।

ଦୁଃଖର କଥା ହେଉଛି ଆଜିର ଓଡ଼ିଶା ଅତୀତର ଓଡ଼ିଶା ନୁହେଁ, ସମୟ କ୍ରମେ



ବାଦଲ ଭୂୟାଁ

ଏଠାରେ ଅନେକ ପରିବର୍ତ୍ତନ ସଂଘଟିତ ହୋଇସାରିଛି । ବହୁ ସୁବିଧା ସୁଯୋଗ ମଧ୍ୟ ଉପଲବ୍ଧ । ତା ସତ୍ତ୍ୱେ ଆମେ ଆମର ଓଡ଼ିଆତ୍ୱ, ଆମ ଭାଷା, ସଂସ୍କୃତି, ବିକାଶ ପାଇଁ ମାର୍ଗ ସବୁକିଛି ଭୁଲିଯିବା ପରି ମନେହେଉଛି । ଆମେ ଅନୁକରଣପ୍ରିୟ ହୋଇ କେତେବେଳେ ଅନ୍ୟ ରାଜ୍ୟ ଅଥବା ବିଦେଶୀ ଢ଼ାଞ୍ଚାର ମାୟାରେ ପଡ଼ିଯାଉଛୁ ଆଉ ନିଜ ପରିଚୟ ଭୁଲିଯାଉଛୁ । ଯଦି ଜଣେ ବାସ୍ତବରେ ମଧୁବାବୁଙ୍କ ଜୀବନ ଏବଂ ତାଙ୍କ କାର୍ଯ୍ୟକଳାପକୁ ଅନୁଧ୍ୟାନ କରେ ତେବେ ସେ ସବୁ ଆଧୁନିକତା ଭିତରେ କିପରି ମୌଳିକତ୍ୱ ରକ୍ଷା କରାଯାଇପାରେ ଏବଂ ନିଜ ମାଟିର ବିକାଶକୁ ପ୍ରାଧାନ୍ୟ ଦିଆଯାଇପାରେ ସେ ସଂପର୍କରେ ପ୍ରକୃତ ମାର୍ଗଦର୍ଶନ ପାଇପାରିବ । ମଧୁବାବୁ ଏଇ ମାଟିରୁ ଉଠି ବଢ଼ିଥିଲେ, ଇଂରାଜୀ ଶିକ୍ଷା ପାଇଥିଲେ, କଲିକତା ଭଳି ବଙ୍ଗଳା ମୁଲକରେ ପାଠ ପଢ଼ିଥିଲେ, ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରିଥିଲେ, ବିଦେଶ ଯାଇଥିଲେ, ବିଦେଶୀ ଉଚ୍ଚଶିକ୍ଷା ପାଇଥିଲେ ଏବଂ ବିଦେଶୀ ଆଦବକାଇଦା ଚଳଣୀ ସବୁକିଛି ଶିଖି ସେଇ ଅନୁସାରେ ଚଳୁଥିଲେ ମଧ୍ୟ । କିନ୍ତୁ ସମାନ୍ତରାଳ ଭାବେ ସେ ଓଡ଼ିଆ ପଗଡ଼ି ବାନ୍ଧୁଥିଲେ, ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ପାଇଁ ଦାବି କରୁଥିଲେ, ଓଡ଼ିଆଙ୍କ ପାଇଁ ଶକ୍ତିଶାଳୀ ବଙ୍ଗାଳୀ, ତେଲୁଗୁ ଗୋଷ୍ଠୀ ଏବଂ ଇଂରେଜ ସରକାରଙ୍କ ସହ ମୁକାବିଲା କରୁଥିଲେ । ଓଡ଼ିଆତ୍ୱ ପ୍ରତିପାଦନ କରୁଥିବା ଏଠାକାର ଜିନିଷକୁ ନେଇ ବ୍ୟବସାୟ ଆରମ୍ଭ କରିଥିଲେ । କ୍ଷତି ହେଲେ ବି ମାନ ସଂକ୍ରାନ୍ତରେ ବୁଝାମଣା କରୁନଥିଲେ, କାଳେ ଓଡ଼ିଆଙ୍କର ବଦନାମ ହେବ । ଆଜିକାଲି ଏସବୁ ପ୍ରତି କେହି ଧ୍ୟାନ ଦେଉଛନ୍ତି କି ? ଆମ ରାଜ୍ୟରେ ବିଦେଶମୁହାଁ ବିଦେଶୀ ଖିଆ ଲୋକ ଏବେ ମାଳମାଳ । ଓଡ଼ିଶା ଏବଂ ଓଡ଼ିଆ ଏବେ ସେମାନଙ୍କ ପାଇଁ ଏକ ଘୃଣ୍ୟ ଶବ୍ଦ । ଓଡ଼ିଆ ଭାଷାକୁ ଚୁଲିକୁ ଗଲାଣି, ସ୍ୱୟଂ ରାଜ୍ୟର ମୁଖିଆ ଧାଡ଼ିଏ ଓଡ଼ିଆ କହିବା କଷ୍ଟକର । ସେପଟେ ସୀମାନ୍ତ ଅଞ୍ଚଳକୁ ଅନ୍ୟରାଜ୍ୟ ଖାଇଗଲେଣି, ତା ପ୍ରତି କାହାରି ନିଘା ନାହିଁ । ଯାହା ବି ପ୍ରତିବାଦ କରାଯାଉଛି ଯେ ତାହା ଏତେ କ୍ଷୀଣ ଏବଂ ବିଳମ୍ବିତ ଯେ ସେଥିରୁ ଫାଇଦା କିଛି ମିଳୁନି । ଓଡ଼ିଶାକୁ ଏବେ ଲୁଟେରାଙ୍କ ଭୂସ୍ୱର୍ଗରେ ପରିଣତ କରାଯାଇଛି, ଏଠାକାର ଉଦ୍ୟୋଗୀଙ୍କ ପାଇଁ ପ୍ରୋତ୍ସାହନ ଶୂନ । ସମସ୍ତେ ସ୍ୱାର୍ଥପର ଯାତ୍ରୀ, ସ୍ୱାର୍ଥମେଧ ଯଜ୍ଞରେ ଆହୂତି ଦେବା କାହାଦ୍ୱାରା ସମ୍ଭବ ନୁହେଁ । ଏଭଳି କ୍ଷେତ୍ରରେ ଆମେ ମଧୁବାବୁଙ୍କ ସ୍ମୃତିଚାରଣ କରିବା ପାଇଁ କେତେଦୂର ଯୋଗ୍ୟ ସେ ସଂପର୍କରେ ବିଚାର କରିବା ଉଚିତ । ଓଡ଼ିଶା ଠାରୁ ସୁଦୂର କିଛି ବାଟ ପରେ ଝାଡ଼ଖଣ୍ଡର ଟାଟା ନଗରରେ ଓଡ଼ିଆପ୍ରେମୀମାନେ ଏହି ଦିବସରେ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି । ମଧବାବୁ ବିକଳ ହୋଇ ମାଆକୁ ଖୋଜିଥିଲେ, ଭାଇକୁ ଖୋଜିଥିଲେ, କାହାଠୁ ଉତ୍ତର ପାଇନଥିଲେ । ଆଜି ମଧ୍ୟ ଆମେ ତାଙ୍କୁ ଉତ୍ତର ଦେବା ସ୍ଥିତିରେ ନାହୁଁ ।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,*
*ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫*

# ବନ୍ଦ ହେବ ମନରେଗା !

ଏଥିରେ ବୋଧହୁଏ କେହି ଅସହମତ ହେବେ ନାହିଁ ଯେ, ମହାମାରୀ କରୋନା କାଳରେ ଅର୍ଥାତ ୨୦୨୦ – ୨୧ ଏବଂ ୨୦୨୧-୨୨ ଆର୍ଥୀକ ବର୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ମନେରଗା) ଶ୍ରମିକମାନଙ୍କ ଜୀବନ ଧାରଣ ସାହାରା ପାଲଟିଥିଲା । ଦେଶରେ ଦୀର୍ଘକାଳୀନ ତାଲାବନ୍ଦ ଯୋଗୁଁ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ଶ୍ରମିକମାନେ ନିଜ ଘରକୁ ଫେରିବା ପରେ ମନେରଗା ସେମାନଙ୍କୁ କାମ ଯୋଗାଇ ଦେଇଥିଲା । ଯେଉଁଥିପାଇଁ କି ସେମାନେ ପରିବାରକୁ ଭୋକ ଉପାସରେ ରହିବାରୁ ସୁରକ୍ଷିତ ରଖିପାରିଥିଲେ । ଦେଶରେ ଗ୍ରାମାଚଂଳରେ ଗରିବ ଲୋକମାନଙ୍କୁ କାମ ଯୋଗାଇ ଦେଇଥିଲା । ଯେଉଁଥିପାଇଁ କି ସେମାନେ ପରିବାରକୁ ଭୋକ ଉପାସରେ ରହିବାରୁ ସୁରକ୍ଷିତ ରଖିପାରିଥିଲେ । ଦେଶରେ ଗ୍ରାମାଚଂଳରେ ଗରିବ ଲୋକମାନଙ୍କୁ ବାର୍ଷିକ ଅତିକମରେ ୧୦୦ଦିନର କାମ ଯୋଗାଇ ଦେବା ପାଇଁ ଅଶୀଦଶକରେ କଂଗ୍ରେସ ସରକାର 'ନରେଗା' ନାମରେ ଏକ କେନ୍ଦ୍ରୀୟ ଯୋଜନା ପ୍ରଣୟନ କରିଥିଲେ । ପରବର୍ତୀ କାଳରେ ସେହି କଂଗ୍ରେସ ସରକାର ଏହି ଯୋଜନା ପୂର୍ବରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନାମ ଯୋଡି 'ନରେଗା' ସ୍ଥାନରେ 'ମନରେଗା' ଭାବେ ନାମିତ କରିଥିଲେ । ଏହି ଯୋଜନାର ସଫଳତା ପାଇଁ କେନ୍ଦ୍ର ସରକାର ବଜେଟରେ ଆଖିଦୃଷିଆ ବ୍ୟୟବରାଦ କରିଆସୁଥିଲେ । ମନେରଗା ମଜୁରୀ ବହୁତ କମ୍ ଅର୍ଥାତ୍ ଦିନକୁ ମାତ୍ର ୨୦୭ ଟଙ୍କା ଥିବା ସତ୍ତ୍ୱେ ଏହା ଗରିବ ଲୋକଙ୍କ ମଧ୍ୟରେ ବେଶ ଆଦୃତ ହୋଇପାରିଥିଲା । ଏହା ନିଶ୍ଚିତ ଯେ, ମନେରଗା ଗ୍ରାମାଚଂଳରେ ଗରିବ ଲୋକଙ୍କୁ କାମଧନ୍ଦା କର୍ମନିଯୁକ୍ତି ଦେବା କ୍ଷେତ୍ରରେ ଏକ ସୁରକ୍ଷା କବଚ ଥିଲା । କିନ୍ତୁ କଂଗ୍ରେସ ସରକାରଙ୍କ ସମୟର ଏହି ଲୋକପ୍ରିୟ ଯୋଜନା ଏବେ ବର୍ତ୍ତମାନର କେନ୍ଦ୍ର ସରକାରଙ୍କ ନୂତନ ନୀତି ଯୋଗୁଁ କେବଳ ସଂକୁଚିତ ହେବାକୁ ଯାଉନାହିଁ, ଦିଗହରା ହେବାକୁ ଯାଉଛି ବୋଲି ନିସନ୍ଦେହରେ କୁହାଯାଇପାରେ । ସାଧାରଣ ବଜେଟ ପରେ ଏହି ଯୋଜନାକୁ ବିଶେଷଜ୍ଞମାନେ ଯେଉଁ ଆଶଙ୍କା ପ୍ରକାଶ କରିଥିଲେ, ଏବେ ତାହା ଆପାତଃ ସତହେବାକୁ ଯାଉଛି । ୨୦୨୩-୨୪ରେ କାମର ଚାହିଦା ପ୍ରାୟ ୨୫ପ୍ରତିଶତ କମିଯିବ ବୋଲି ଅଶଙ୍କା ପ୍ରକାଶ ପାଇଛି । ମନେରଗା ଶ୍ରମିକଙ୍କ ଜିଓଟ୍ୟାଗ ଏବଂ ଫଟୋ ସହ ସଠିକ ସମୟ ଉପସ୍ଥାପନ ରେକର୍ଡ ପାଇଁ ଗତବର୍ଷ ନ୍ୟାଶନାଲ ମୋବାଇଲ ମନିଟଂରି ସଫ୍ଟୱେୟାର ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପରଠାରୁ ପ୍ରକୃତ କାମ ମାଗୁଥିବା ଲୋକଙ୍କ ପାଇଁ ଏହା ଏବେ ସ୍ୱପ୍ନ ହୋଇଯାଇଛି । ଯୋଜନାକୁ ଦୁର୍ନୀତି ମୁକ୍ତ କରିବା ପାଇଁ ସରକାରଙ୍କ ମହତ ଲକ୍ଷ୍ୟ ଥିବା ସତ୍ତ୍ୱେ ଇଲେକଟ୍ରୋନିକ୍ ଉପସ୍ଥାନ ବ୍ୟବସ୍ଥା ଯୋଗୁଁ ଅଶିକ୍ଷିତ, ଅପାଠୁଆ ଗରିବ, ଶ୍ରମିକ ମନରେଗା କାମ ପାଇଁ ଆଗ୍ରହୀ ଥିବା ସତ୍ତ୍ୱେ କାମ ପାଇ ପାରୁନାହିଁ । କେବଳ ଏତିକି ନୁହେଁ, କେନ୍ଦ୍ର ସରକାରଙ୍କ ନୂତନ ନୀତି ତଥା ଆଧାର ଭିତିକ ମଜୁରୀ ପ୍ରଦାନ ବ୍ୟବସ୍ଥା ଯୋଗୁଁ କେବଳ ୪୩ ପ୍ରତିଶତ ମନେରଗା ଶ୍ରମିକ ଯୋଗ୍ୟ ବିବେଚିତ ହୋଇଥିବାବେଳେ ୫୭ପ୍ରତିଶତ ଶ୍ରମିକ ଅନଭିଜ୍ଞ ଶ୍ରମିକ ମଜୁରୀ ପାଇପାରୁନାହାଁନ୍ତି । ମଜୁରୀ ନପାଇ ସେମାନଙ୍କୁ ନିରାଶ ହେବା ସାର ହେଉଛି । ଉଲ୍ଲେଖଯୋଗ୍ୟ ଯେ, ୨୦୨୦-୨୧ରେ କରୋନା କାଳରେ କେନ୍ଦ୍ର ସରକାର ମନରେଗାର ବଜେଟରେ ବ୍ୟୟବରାଦକୁ ୧.୧୧ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରିଥିଲେ । ସେହିପରି ୨୦୨୧-୨୨ ବଜେଟରେ ୭୩ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା । ଏହି ଯୋଜନାର ୨୦୨୦-୨୧ରେ ୭.୫୫ କୋଟି ପରିବାର କାମ କରିଥିବାବେଳେ ୨୦୨୧-୨୨ରେ ୬.୮୧ କୋଟି ପରିବାର କାମ କରିଥିବା ସରକାରୀ ରିପୋର୍ଟ କହେ । କେବଳ ଏହି ଦୁଇବର୍ଷ ନୁହେଁ, ୨୦୧୫-୧୬ ଆର୍ଥୀକ ବର୍ଷରୁ ୫କୋଟିରୁ ଅଧିକ ପରିବାର ଏହି ଯୋଜନାରେ କାମ ମାଗି ଆସିଛନ୍ତି । କିନ୍ତୁ ଚଳିତ ୨୦୨୩-୨୪ ଆର୍ଥୀକ ବର୍ଷର ବଜେଟରେ କେନ୍ଦ୍ର ସରକାର ପୂର୍ବ ଆର୍ଥୀକ ବର୍ଷର ସଂଶୋଧିତ ବଜେଟ ବ୍ୟୟବରାଦ ତୁଳନାରେ ବ୍ୟୟ ଅଟକଳ ୩୩ପ୍ରତିଶତ ହ୍ରାସ କରିଛନ୍ତି । ଚଳିତବର୍ଷ ବଜେଟରେ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ମାତ୍ର ୬୦ହଜାର କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ଦେଶର ଗ୍ରାମାଚଂଳ ଗରିବଙ୍କର କମ୍ ମଜୁରୀ ସତ୍ତ୍ୱେ ସାହାରା ପାଲଟିଥିବା ମନେରଗା ଯୋଜନାରେ ବ୍ୟୟବରାଦ ହ୍ରାସ ପାଇବା ନେଇ ବିଶେଷଜ୍ଞ ଏବଂ ବିରୋଧି ଦଳ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ । ଏପରିକି ଗ୍ରାମୀଣ ବିକାଶ ସମ୍ପର୍କିତ ସଂସଦୀୟ କମିଟି ମଧ୍ୟ ପ୍ରଶ୍ନ ଉଠାଇଥିଲେ ତେବେ ଏହା ଏକ ଚାହିଦା ଭିତିକ ଯୋଜନା ହୋଇଥିବାରୁ ଯଦି ଲୋକମାନେ ଅଧିକ କାମ ମାଗିବେ, ତେବେ ସରକାର ଅଧିକ ପାଣ୍ଠି ଯୋଗାଇ ଦେବେ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ କହିଛନ୍ତି । ଏହା ସତ୍ୟ ଯେ, ଗ୍ରାମୀଣ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ଜଳଜୀବନ ଯୋଜନା ପାଇଁ ସରକାର ବଜେଟରେ ଅଧିକ ବ୍ୟୟ ବରାଦ କରିଥିବାରୁ ଏହି ଯୋଜନାରେ ଗ୍ରାମାଚଂଳ ଶ୍ରମିକ କାମ କରିପାରିବେ ବୋଲି ମନ୍ତ୍ରୀ କହିଛନ୍ତି । ଯାହାକି ମନରେଗାକୁ ସଂକୁଚିତ କରିବା ସଂକେତ ପ୍ରଦାନ କରୁଛି ବୋଲି କହିଲେ ହୁଏତ ଭୁଲ ହୋଇନପାରେ । ନିକଟରେ କେନ୍ଦ୍ର ସରକାର ମନରେଗା ମଜୁରୀ ବୃଦ୍ଧି କରିଛନ୍ତି । ମଜୁରୀ ବୃଦ୍ଧି ସତ୍ତ୍ୱେ ବ୍ୟବସ୍ଥାର ସରଳୀକରଣ ପରିବର୍ତେ କଠୋର ନିୟମ ଏବଂ ବ୍ୟୟ ଅଟକଳ ହ୍ରାସ ଯୋଗୁଁ ଶ୍ରମିକଙ୍କ ସଂଖ୍ୟା ହ୍ରାସ ପାଉଛି । ଗତ ୭ବର୍ଷ ମଧ୍ୟରେ ଅର୍ଥାତ୍ ୨୦୧୬-୧୭ ପରଠାରୁ ଗତ ୨୦୨୨-୨୩ ଆର୍ଥୀକ ବର୍ଷରେ ଶ୍ରମିକଙ୍କୁ ବର୍ଷକୁ ହାରାହାରୀ ୪୨ଦିନର କାମ ମିଳିଥିବା ସରକାରୀ ରିପୋର୍ଟରୁ ଜଣାଯାଇଛି । ଯାହାକି ଗତ ୭ବର୍ଷ ମଧ୍ୟରେ ସର୍ବନିମ୍ନ ସରକାର ବାର୍ଷିକ ୧୦୦ଦିନର କାମ ଯୋଗାଇ ଦେବାକୁ ବ୍ୟବସ୍ଥା ଥିବାବେଳେ କମ୍ ମଜୁରୀ ସତ୍ତ୍ୱେ ବର୍ଷକୁ ୪୨ଦିନର କାମ ଦେବା ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି । କଂଗ୍ରେସ ଅମଳରେ ଏହି ଲୋକପ୍ରିୟ ଯୋଜନାକୁ ଏବେ କେନ୍ଦ୍ର ସରକାର କାହିଁକି ହତାଦାର କରୁଛନ୍ତି, ବୁଝାପଡୁନାହିଁ । ସରକାର ଏହି ଯୋଜନାକୁ ବନ୍ଦ କରିଦେବା ପାଇଁ ବିଚାର କରୁ ନାହାଁନ୍ତି ତ ?

**ସମ୍ମାନ ଭବନ,**
**ପ୍ଲଟ ନଂ-୫୮/୩୫୮୧,**
**ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ,**
**ମୋବାଇଲନଂ-୯୪୩୭୯୯୪୩୭୯**

# ଭୋଜନ ନିୟମ

ଜୀବନରେ ଖାଦ୍ୟ ବିନା କେହି ବି ବଞ୍ଚି ପାରିବେନାହିଁ । ଭୋଜନ ସମୟରେ ଦିଗ ଉପରେ ବିଶେଷ ଧ୍ୟାନ ଦେବା ଉଚିତ । ଏହା ନକଲେ ଆପଣଙ୍କ ସ୍ୱାସ୍ଥ୍ୟ ବିଗିଡ଼ି ଯାଇପାରେ । ବାସ୍ତୁ ନିୟମ ଅନୁସାରେ କେବେ ବି ଦକ୍ଷିଣ ଦିଗକୁ ମୁହଁ କରି ଭୋଜନ କରନ୍ତୁ ନାହିଁ । କାରଣ ଏହାକୁ ଯମ ଦିଗ ବୋଲି ମନେ କରାଯାଏ । ଏହି ଦିଗକୁ ମୁହଁ କରି ଖାଦ୍ୟ ଗ୍ରହଣ କରିବା ଦ୍ୱାରା ଆୟୁ ହ୍ରାସ ପାଇଥାଏ । ସେହିପରି ପଶ୍ଚିମ ଦିଗକୁ ମୁହଁ କରି ଭୋଜନ ଗ୍ରହଣ କରିବା ଦ୍ୱାରା ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ ।

**ବିଛଣାରେ ବସି ଭୋଜନ କରନ୍ତୁନି :** ବହୁ ଲୋକ ପ୍ରାୟ ସମୟରେ ବେଡ଼ ଉପରେ ବସି ଖାଦ୍ୟ ଖାଇଥାନ୍ତି । କିନ୍ତୁ ବାସ୍ତୁ ଅନୁଯାୟୀ ଏହା ସଂପୂର୍ଣ୍ଣ ଭାବରେ ଅନୁଚିତ । ଏପରି କରିବା ଦ୍ୱାରା ଅନ୍ନର ଅପମାନ ହୋଇଥାଏ ଓ ଲକ୍ଷ୍ମୀ ରୁଷ୍ଟ ହୋଇଥାନ୍ତି । ଫଳରେ ଘରେ ଆର୍ଥିକ ସମସ୍ୟା ସୃଷ୍ଟି ହୋଇଥାଏ । ଆୟୁ ତୁଳନାରେ ବ୍ୟୟ ବଢ଼ିଥାଏ । ଫଳରେ ବ୍ୟକ୍ତି ଋଣ କରିବାକୁ ବାଧ୍ୟ ହୋଇଥାଏ । ଅଭ୍ୟାସ ନ ବଦଳାଇଲେ ଏହି ଋଣ ବୋଝ ବଢ଼ି ବଢ଼ି ଚାଲେ ।

**ଉତ୍ତରମୁହାଁ ଭୋଜନ କରନ୍ତୁ :** ଉତ୍ତର ଓ ପୂର୍ବ ଦିଗକୁ ମୁହଁ କରି ଭୋଜନ କରିବା ଅତି ଉତ୍ତମ ହୋଇଥାଏ । ଏହି ଦୁଇ ଦିଗକୁ ଦେବ ଦିଶା ମନେ କରାଯାଏ । ତେଣୁ ଏହି ଦିଗକୁ ମୁହଁ କରି ଭୋଜନ କରିବା ଦ୍ୱାରା ମା'ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି । ଫଳରେ ଘରେ ଆର୍ଥିକ ସମସ୍ୟା କେବେ ବି ଦେଖାଯାଏ ନାହିଁ । ପରିବାରରେ ଶାନ୍ତି ଓ ସହାବସ୍ଥାନ ବଜାୟ ରହିଥାଏ ।

**ହଜମ ଶକ୍ତି ଭଲ ରହିଥାଏ :** ପୂର୍ବ ଦିଗକୁ ମୁହଁ କରି ଖାଦ୍ୟ ଖାଇବା ଆଧ୍ୟାତ୍ମିକ ଦୃଷ୍ଟିରୁ ଶୁଭ ହୋଇଥିବା ବେଳେ ସ୍ୱାସ୍ଥ୍ୟ ଦୃଷ୍ଟିରୁ ମଧ୍ୟ ଲାଭଦାୟକ ହୋଇଥାଏ । ଏହି ଦିଗକୁ ମୁହଁ କରି ଭୋଜନ କରିବା ଦ୍ୱାରା ହଜମ ଶକ୍ତି ଭଲ ରହିଥାଏ । ଖାଦ୍ୟ ଠିକ ଭାବରେ ହଜମ ହେବାରୁ ଶରୀର ବି ସୁସ୍ଥ ରହିଥାଏ ।

**ମାଟିପାତ୍ର ଶୁଭଦାୟକ :** ଶାସ୍ତ୍ରରେ ମାଟିପାତ୍ରକୁ ବହୁତ ପବିତ୍ର ଓ ଶୁଭଦାୟକ ମନେ କରାଯାଏ । ମାଟି ପାତ୍ରରେ ଖାଦ୍ୟ ପ୍ରସ୍ତୁତ କରିବା ଓ ଖାଇବା ଦ୍ୱାରା ଶରୀରକୁ ୧୦୦ ପ୍ରତିଶତ ପୋଷକତତ୍ତ୍ୱ ମିଳିଥାଏ । ସ୍ୱାସ୍ଥ୍ୟ ଲାଭ ସହିତ ସୌଭାଗ୍ୟ ପ୍ରାପ୍ତି ବି ହୋଇଥାଏ ।

**ଥାଳିରେ ଖାଦ୍ୟ ଛାଡ଼ିବା ଅନୁଚିତ :** ଥାଳିରେ ସେତିକି ଖାଦ୍ୟ ନିଅନ୍ତୁ ଯେତିକି ଆପଣ ଖାଇପାରିବେ । ଥାଳିରେ ଖାଦ୍ୟ ଛାଡ଼ିବା ଦ୍ୱାରା ଅନ୍ନର ଅପମାନ ହୋଇଥାଏ । ଫଳରେ ମା'ଲକ୍ଷ୍ମୀ ରୁଷ୍ଟ ହୋଇଥାନ୍ତି । ଏହାଦ୍ୱାରା ଘରେ ଧନ ଓ ଅନ୍ନର ଅଭାବ ଦେଖାଦେଇଥାଏ । ବ୍ୟକ୍ତି କାଙ୍ଗାଳ ବି ହୋଇଯାଇପାରେ ।

**ଛିଡ଼ା ହୋଇ ଭୋଜନ କରନ୍ତୁନି :** ବ୍ୟକ୍ତି ସୁଖାସନ ଅବସ୍ଥାରେ ଖାଦ୍ୟ ଗ୍ରହଣ କରିବା ଉଚିତ । କେବେ ବି ଛିଡ଼ା ହୋଇ କିମ୍ବା ଅନ୍ୟ କୌଣସି ଅବସ୍ଥାରେ ଖାଦ୍ୟ ଗ୍ରହଣ କରିବା ଅନୁଚିତ । ଏପରି କରିବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପଡ଼ିଥାଏ । ସେହିପରି ଖାଦ୍ୟ ଗ୍ରହଣ ପୂର୍ବରୁ ହାତଯୋଡ଼ି ଦେବୀ ଦେବତାଙ୍କୁ ସ୍ମରଣ କରି ଭୋଜନ ଲାଗି ଧନ୍ୟବାଦ ଜଣାନ୍ତୁ ।

**ତିନିଥର କାଢ଼ି ଦିଅନ୍ତୁ :** ଭୋଜନ ଗ୍ରହଣ କରିବା ପୂର୍ବରୁ ଥାଳିରୁ ତିନିଥର ଅଳ୍ପ ଅଳ୍ପ ଖାଦ୍ୟ କାଢ଼ି ରଖନ୍ତୁ । ଏହାକୁ ଗାଈ, କୁକୁର ଓ କାଉକୁ ଖାଇବାକୁ ଦିଅନ୍ତୁ । କୁହାଯାଏ ଏହା ପରୋକ୍ଷରେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ଉଦ୍ଦେଶ୍ୟରେ ସମର୍ପିତ ହୋଇଥାଏ ।

ଭୋଜନକୁ ଭଗବାନଙ୍କ ଦିବ୍ୟ ଉପହାର ଓ ଆମ୍ଭମାନଙ୍କ ଜୀବନର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଓ ଶରୀର ଅବଲମ୍ବନ କହିଲେ ଅତ୍ୟୁକ୍ତି ହେବନାହିଁ । ତେଣୁ ଭୋଜନ ଓ ଭୋଜନ ସମୟକୁ ଗୁରୁତ୍ୱ ଦେବା ଅତ୍ୟନ୍ତ ଜରୁରୀ ।

*ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ,*
*ଦୂରଭାଷ : ୯୪୩୭୪୫୦୧୧୪*

# ସାହିତ୍ୟ ସନ୍ନ୍ୟାସୀ – ମନୋଜ ଦାସ

ସାହିତ୍ୟ ସତ୍ୟ-ଶିବ-ସୁନ୍ଦର କଥା କହେ । ସାହିତ୍ୟ ଗୋଟିଏ ଦେଶ, ଜାତି ଓ ସମାଜର କଥା କହେ । ମଣିଷଙ୍କୁ ଅସତ୍ ପଥରୁ ସତ୍‌ପଥକୁ, ଅନ୍ଧାରରୁ ଆଲୋକକୁ, ଅନୀତି କାର୍ଯ୍ୟରୁ ନୀତି ଓ ଆଦର୍ଶକୁ, ଅବାଟରୁ ବାଟକୁ, ଅବିଦ୍ୟାରୁ ବିଦ୍ୟାକୁ, ବିଶୃଙ୍ଖଳାରୁ ଶୃଙ୍ଖଳାକୁ, ଅସୁନ୍ଦରରୁ ସୁନ୍ଦର ଆଡକୁ ନେବାରେ କାଳଜୟୀ ସ୍ରଷ୍ଟା ତାର ସାହିତ୍ୟ ମାଧମରେ ସଫଳ ହୁଏ । ମାଟି ମା' ଓ ମାନବିକ ମୂଲ୍ୟବୋଧର ଭାବ ଭାଷା ଶବ୍ଦ ଏବଂ ଶୈଳୀକୁ କଲମ ମୁନରେ ଯିଏ ସମ୍ମାନ ଦିଏ, ସେ ହେଉଛନ୍ତି ଆନ୍ତର୍ଜାତିକ ଲେଖକ, କଥାକାର, ସାଧକ ପଦ୍ମଭୂଷଣ ମନୋଜ ଦାସ । ଭାରତୀୟ କଥା ସାହିତ୍ୟର ନାୟକ ୧୯୩୪ ମସିହା ଫେବୃଆରୀ ମାସ ୨୭ ତାରିଖରେ ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ୍ ଶଙ୍ଖାରୀ ଗ୍ରାମରେ ପିତା ମଧୁସୂଦନ ଦାସ ଓ ମାତା କାଦମ୍ବିନୀ ଦେବୀଙ୍କ କୋଳମଣ୍ଡନ କରିଥିଲେ । ତାଙ୍କ ଜ୍ୟେଷ୍ଠ ଭାଇଙ୍କ ନାମ ଥିଲା ଐତିହାସିକ ଡ.ଃ ମନ୍ମଥନାଥ ଦାସ । ତାଙ୍କ ତିନି ଭଉଣୀଙ୍କ ନାମ ସୁରବାଳା, ସ୍ନେହବାଳା ଓ ଶାନ୍ତିବାଳା ଥିଲା । ନିଜ ଗାଁ ଶଙ୍ଖାରୀ ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ତାଙ୍କର ଖଡିଛୁଆଁ ହୋଇଥିଲା । ଜମାଲପୁରସ୍ଥିତ ବିଶ୍ୱନାଥ ଏକାଡେମୀ, ଜଳେଶ୍ୱରପୁର ହାଇସ୍କୁଲ ଓ ବାଲେଶ୍ୱର ଜିଲ୍ଲା ହାଇସ୍କୁଲରୁ ପାଠପଢ଼ା ଶେଷକରି ୧୯୫୧ ମସିହାରେ ମାଟ୍ରିକ ପାସ୍ କରିଥିଲେ । ପାଠ ପଢ଼ିବା ସମୟରେ ସେ ତାଙ୍କର ବଡଭାଇ ମନ୍ମଥନାଥ ଦାସଙ୍କ ସାଙ୍ଗରେ ଯେଉଁ ଭଡାଘରେ ରହୁଥିଲେ ସେ ଘରଟି ଥିଲା କଥାସାହିତ୍ୟର ସମ୍ରାଟ ଫକୀର ମୋହନଙ୍କର । ସେ ଫକୀରମୋହନ ମହାବିଦ୍ୟାଳୟରୁ ଇଣ୍ଟର ମିଡିଏଟ୍ ପାସ୍ କରିଥିଲେ । ୧୯୫୩-୫୪ ମସିହାରେ ସେ ଏଫ୍.ଏମ୍.କଲେଜ ଛାତ୍ର ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ନିଖିଳ ଉତ୍କଳ ଛାତ୍ର ସଂଘର ସମ୍ପାଦକ ଭାବେ ସେ ନିର୍ବାଚିତ ହୋଇଥିଲେ । ୧୯୫୬ ମସିହାରେ ସେ ସାମନ୍ତ ଚନ୍ଦ୍ରଶେଖର କଲେଜରୁ ବି.ଏ. ପାସ୍ କରିଥିଲେ । ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ସ୍ନାତକ ପାସ୍ କରିଥିଲେ । ସେ ମଧ୍ୟ ଆଇନ କଲେଜ୍ ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ଇଣ୍ଡୋନେସିଆଠାରେ ଅନୁଷ୍ଠିତ ଏସିଆ-ଆଫ୍ରିକା ଛାତ୍ର ସମ୍ମିଳନୀରେ ସେ ଭାରତୀୟ ଛାତ୍ର ସମାଜର ପ୍ରତିନିଧି ଭାବେ ଯୋଗଦେଇଥିଲେ । ୧୯୫୯ ମସିହାରେ ରେଭେନ୍ସା କଲେଜରୁ ଇଂରାଜୀ ଭାଷା ସାହିତ୍ୟରେ ସ୍ନାତକୋତର ପାସ୍ କରି କଟକର ଖ୍ରୀଷ୍ଟ କଲେଜରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ । କୁଜଙ୍ଗ ରାଜ୍ୟର ରାଜକନ୍ୟା ରତ୍ନମାଳି ଜେମା ଓ କୁଜଙ୍ଗ ଗାନ୍ଧି, ପୂର୍ବତନ ଉପବାଚସ୍ପତି ନାରାୟଣ ବୀରବର ସାମନ୍ତଙ୍କ ଜ୍ୟେଷ୍ଠ କନ୍ୟା ପ୍ରତିଜ୍ଞା ଦେବୀଙ୍କ ସହ ମନୋଜ ଦାସଙ୍କ ୧୯୫୯ ମିସିହାରେ ବିବାହ ହୋଇଥିଲା । ୧୯୬୩ ମସିହାରେ ସେ ଶ୍ରୀ ଅରବିନ୍ଦ ଓ ଶ୍ରୀମାଙ୍କ ଦର୍ଶନ ପ୍ରତି ଆକୃଷ୍ଟ ହୋଇ ପଣ୍ଡିଚେରୀର ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ । ଶେଷ ପର୍ଯ୍ୟନ୍ତ ସେ ଶ୍ରୀଅରବିନ୍ଦଙ୍କ ଆଶ୍ରମରେ ରହିଥିଲେ । ପିଲାଦିନୁ ତାଙ୍କ ମା କାଦମ୍ବିନୀ ଦେବୀଙ୍କ ପ୍ରଭାବ ତାଙ୍କ ଉପରେ ପଡିଥିଲା । ସେଥିପାଇଁ ସେ ସାହିତ୍ୟ ଆଡକୁ ମନ ବଳାଇଥିଲେ । ପରେ ସେ ଫକୀର ମୋହନଙ୍କ କୋଠାରେ ରହି ପଢ଼ିବା ଯୋଗୁ ତାଙ୍କର ଲେଖନୀ ଚାଳନା ସମସ୍ତଙ୍କୁ ବିସ୍ମିତ କରିଥିଲା । ଛୋଟ ଅବସ୍ଥାରୁ ସେ ହାରମୋନିୟମ ଧରି ଗୀତ ଗାଇବା ସହିତ ବଂଶୀବାଦନ କରୁଥିଲେ । ସେ ନିଜେ ସଙ୍ଗୀତ ନିର୍ଦ୍ଦେଶନା ଦେଉଥିଲେ । ସ୍କୁଲରେ ପଢ଼ିବା ସମୟରୁ ସେ ମାର୍କସବାଦ ପ୍ରତି ଆକୃଷ୍ଟ ହୋଇଥିଲେ । ଜଣେ ବିପ୍ଳବୀ ଛାତ୍ର ନେତା ଭାବରେ ୧୯୫୫ ମସିହାରେ ସେ କାରାବରଣ କରିଥିଲେ । ମନୋଜ ଦାସ ବିଶ୍ୱ କଥା ସାହିତ୍ୟର ଜଣେ ନାୟକ । ତାଙ୍କ କବିତା ଓ ପ୍ରବନ୍ଧ ଗଭୀର ଆତ୍ମିକ ଅନ୍ୱେଷାବୋଧ ଏବଂ ଛାନ୍ଦମୟ । ଉପନ୍ୟାସରେ ସମାଜର ସବୁ ଦିଗନ୍ତ ଓ ପରିଧିର ଭାବକୁ ରୂପାୟନ କରି ସମସ୍ତ ପାଠକ ମହଲରେ ସେ ବିଜୟ ଲାଭ କରିଛନ୍ତି ହୃଦୟର ଭଲ ପାଇବା । ଏହି ସାହିତ୍ୟ ସନ୍ନ୍ୟାସୀ ବହୁ ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଭ୍ରମଣ କାହାଣୀ, କବିତା ଓ ଇତିହାସ ସଂସ୍କୃତି ରଚନା କରି ପ୍ରଜ୍ଞାପୁରୁଷ ଭାବେ ସାମଜରେ ପ୍ରଶଂସିତ ହୋଇଛନ୍ତି । ଉପନ୍ୟା ଗୁଡିକହେଲା – ଗୋଧୂଳିର ବାଘ (୧୯୯୫), ବୁଲଡୋଜର୍ସ (୧୯୮୯), ଅମୃତ ଫଳ (୧୯୯୭), ଆକାଶର ଇସାରା (୧୯୯୭), ଚନ୍ଦ୍ରାଲୋକର ପ୍ରହରୀ (୨୦୦୦), ଦ ଏସ୍କେପିଷ୍ଟ, ଏ ଟାଇଗର ଆଟ୍ ଟ୍ୱିଲାଇଟ୍, କନକ ଉପତ୍ୟକାର କାହାଣୀ, ଶେଷ ତାନ୍ତ୍ରିକର ସନ୍ଧାନରେ । ଗଳ୍ପ ସଙ୍କଳନ ସମୁଦ୍ରର କ୍ଷୁଧା (୧୯୫୨), ଜୀବନର ସ୍ୱାଦ (୧୯୫୩), ବିଷକନ୍ୟାର କାହାଣୀ (୧୯୫୪), ଆରଣ୍ୟକ (୧୯୭୦), ଶେଷ ବସନ୍ତର ଚିଠି (୧୯୬୫), ମନୋଜ ଦାସଙ୍କ କଥା ଓ କାହାଣୀ (୧୯୭୧), ଲକ୍ଷ୍ମୀର ଅଭିସାର (୧୯୭୪), ଆବୁ ପୁରୁଷଓ ଅନ୍ୟାନ୍ୟ କାହାଣୀ (୧୯୭୭), ମନୋଜ ପଂଚବିଂଶତି (୧୯୮୩), ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ (୧୯୮୭), ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ (୧୯୯୦), ଅବୋଲକରା କାହାଣୀ (୧୯୯୧), ମନୋଜ ଦାସଙ୍କ ଗଳ୍ପ (୧୯୯୨), ସମୁଦ୍ରକୂଳର ଏକ ଗ୍ରାମ । ଭ୍ରମଣ କାହାଣୀ – ଇନ୍ଦୋନେସିଆ ଅନୁଭୂତି (୧୯୫୭), ଦୂର ଦୂରାନ୍ତର (୧୯୭୩), ଅନ୍ତରଙ୍ଗ ଭାରତ; ପ୍ରଥମ ଭାଗ (୧୯୯୨), ଦ୍ୱିତୀୟ ଭାଗ (୧୯୯୬), କବିତା ସଙ୍କଳନ – ଶତାବ୍ଦୀର ଆର୍ତ୍ତନାଦ (୧୯୪୯), ବିପ୍ଳବୀ ଫକୀର ମୋହନ (୧୯୫୦) ପଦଧ୍ୱନି (୧୯୫୪), ନନ୍ଦାବତୀର ମାଝୀ (୧୯୫୭), ଉପନିବେଶ (୧୯୬୬) ତୁମ ଗାଁ ଓ ଅନ୍ୟାନ୍ୟ କବିତା (୧୯୯୨), ଏହିପରି ଅନେକ ସାହିତ୍ୟର ସ୍ରଷ୍ଟା ଭାବରେ ଶ୍ରଦ୍ଧା ଓ ସମ୍ମାନ ଅର୍ଜନ କରିଛନ୍ତି ତାହା ଆଉ କୌଣସି ଆଧୁନିକ ଓଡିଆ ଗଳ୍ପ ନାୟକଙ୍କ ପକ୍ଷରେ ସମ୍ଭବ ନୁହେଁ । ସାଧନା, ଚେଷ୍ଟା, ପରାକାଷ୍ଠା ଓ ନିପୁଣତା ଯୋଗୁ ଏହି ମହାନ୍ ସାରସ୍ୱତ ସାଧକ ଅନେକ ପୁରସ୍କାରର ଅଧିକାରୀ ହୋଇଥିଲେ । ମନୋଜ ଦାସ ଓଡିଶା ସାହିତ୍ୟ ଏକାଡେମୀ ଓ ଅତିବଡି ପୁରସ୍କାର ୧୯୭୨ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ, ୧୯୮୦ରେ ଶାରଳା ପୁରସ୍କାର, ୨୦୦୧ ମସିହାରେ ପଦ୍ମଶ୍ରୀ ଓ ୨୦୨୦ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ । ସେ ତାଙ୍କର ଉପନ୍ୟାସ ଅମୃତ ଫଳ ପାଇଁ ସରସ୍ୱତୀ ସମ୍ମାନ ଲାଭ କରିଥିଲେ ।

ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଲେଖକ ବିଶିଷ୍ଟ କଥାକାର, ସାଧକ, ପଦ୍ମଭୂଷଣ ମନୋଜ ଦାସ ୮୭ ବର୍ଷ ବୟସରେ ୨୦୨୧ ମସିହା ଏପ୍ରିଲ୍ ୨୭ ତାରିଖ ମଙ୍ଗଳବାର ଦିନ ଶ୍ରୀ ଅରବିନ୍ଦ ଆଶ୍ରମ ନର୍ସିଂହୋମ୍‌ରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କ ଆବର୍ତ୍ତମାନରେ ଭାରତୀୟ ସାହିତ୍ୟ ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ଏହି ବିଶିଷ୍ଟ ସାହିତ୍ୟ ସାରଥି ଆମ୍ଭମାନଙ୍କ ମଧ୍ୟରେ ସର୍ବଦା ଅମର ହୋଇ ରହିବେ ।

ପାରାଦ୍ୱୀପଗଡ, କୁଜଙ୍ଗ
ଜଗତ୍‌ସିଂହପୁର
ମୋ.ନଂ.-୯୯୩୭୬୯୧୪୭୫




## କରୋନା ସଂକ୍ରମଣ ରୋକିବା ଲାଗି ବାୟୋମେଡିକାଲ୍ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଜାତିସଂଘର ସଂସ୍ଥା "ୟୁନିଡୋ'ର ଗୁରୁତ୍ୱ

ଭୁବନେଶ୍ୱର: କରୋନା ସଂକ୍ରମଣକୁ ରୋକିବାକୁ ହେଲେ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ଜରୁରୀ। ଏହା ଉପରେ ଗମ୍ଭୀରତାର ସହ ବିଚାର କରି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ୟୁନାଇଟେଡ୍ ନେସନ୍ସ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଂଟ୍ ଅର୍ଗାନାଇଜେସନ୍ (ୟୁନିଡୋ)ର ପ୍ରତିନିଧି ଡକ୍ଟର ରେନେ ଭାନ୍ ବର୍କେଲ୍ କହିଛନ୍ତି। ଅଣ ଲାଭଦାୟକ ସଂସ୍ଥା କମ୍ୟୁନେଟି ପକ୍ଷରୁ ରମୈୟାହ ମେଡିକାଲ୍ କଲେଜ ଓ ୟୁନିଡୋ ଭାରତ ସହଯୋଗରେ ଆୟୋଜନ କରାଯାଇଥିବା ଏକ ୱେବିନାରରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ ପୂର୍ବାପେକ୍ଷା ଆମକୁ ବାୟୋ ମେଡିକାଲ୍‌ର ବର୍ଜ୍ୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକାଯାଇପରିବ। ଭାରତର ପାଂଚଟି ରାଜ୍ୟ କର୍ଣ୍ଣାଟକ, ପଂଜାବ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟର ୧୬୦ରୁ ଅଧିକ ହସ୍ପିଟାଲ୍‌ରେ ମେଡିକାଲ୍ ବର୍ଜ୍ୟର ପରିଚାଳନା କରିବା ଲାଗି ପରିବେଶ ମିତବ୍ୟୟୀ ପଦ୍ଧତି ଓ ବ୍ୟବସ୍ଥା ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା ଉପରେ ୟୁନିଡୋ କାର୍ଯ୍ୟ କରୁଛି। କୋଭିଡ୍-୧୯ ସଂକ୍ରମଣ ପରଠାରୁ ଏହି ପଦକ୍ଷେପ ଗ୍ରହଣ କରାଯିବା ଯୋଗୁଁ କୋଭିଡ୍-୧୯ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି। ପରାମର୍ଶ ଭିତିକ ଭିଡିଓ, ପେସାଦାର ତାଲିମ, ବିକାଶ ଏବଂ ସ୍ୱତନ୍ତ୍ର କୋଭିଡ୍-୧୯ ଭିତିକ ନିୟମ ପ୍ରଣୟନ, ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଯୋଗାଣକାରୀଙ୍କୁ ଚିହ୍ନଟ ଓ ପ୍ରସାର ଆଦି ଜରିଆରେ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ତାହାର ପୃଥକୀକରଣ କରିବା ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରାଣାସୀର ସ୍ୱଚ୍ଛତା କର୍ମୀ ତେମସୁତୁଲା ଇମସଙ୍ଗ ଏହି ୱେବିନାରରେ ଅଂଶଗ୍ରହଣ କରି ଗୋଷ୍ଠୀ ସହଯୋଗିତା ଜରିଆରେ ବାରାଣାସୀ ଘାଟର ସଫେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୈବ ମେଡିକାଲ୍ ବର୍ଜ୍ୟ ପରିଚାଳନାରେ ହସ୍ପିଟାଲ୍‌ଗୁଡ଼ିକ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାହା ସେ ଜଣାଇଥିଲେ। ଏହି ୱେବିନାରରେ ରାଜ୍ୟ ପଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

## ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘର ବାର୍ଷିକ ଅଧିବେଶନ ଓ ଜିଲ୍ଲା କର୍ମକର୍ତ୍ତା ଚୟନ

ଭଦ୍ରକ, (ପି.ଏନ): ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘର ବାର୍ଷିକ ଅଧିବେଶନ ସ୍ଥାନୀୟ ବନ୍ତ ଛକ ଆଖଣ୍ଡଳେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇ ଯାଇଛି। ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ମନୋଜ ବସନ୍ତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଅଧିବେଶନର ସଭାକାର୍ଯ୍ୟରେ ଆଶାକର୍ମୀ ସଂଘର ଭଦ୍ରକ ଜିଲ୍ଲା ସମ୍ପାଦିକା ଲକ୍ଷ୍ମୀପ୍ରିୟା ରାଉତ ବିବରଣୀ ଉପସ୍ଥାପନ କରିଥିଲେ। ମୁଖ୍ୟ ବକ୍ତା ଭାବରେ ରାଜ୍ୟ ଆଶାକର୍ମୀ ସଂଘର କାର୍ଯ୍ୟକାରୀ ସଭାନେତ୍ରୀ ଶକୁନ୍ତଳା ଗୋଛାୟତ ଯୋଗ ଦେଇ ରାଜ୍ୟରେ କାର୍ଯ୍ୟରତ ଆଶାକର୍ମୀମାନଙ୍କ ବିଭିନ୍ନ ସମସ୍ୟା, ଅସୁବିଧା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଭାରତୀୟ ମଜଦୁର ସଂଘର ଉପଦେଷ୍ଟା ବିଜୟ କୁମାର ମିଶ୍ର ଯୋଗ ଦେଇ ବିନା ଆନ୍ଦୋଳନରେ ସରକାର କେବେ କାହାରି ଦାବି ପୂରଣ କରି ନାହାନ୍ତି। ଏ ସରକାର ତେଲିଆ ମୁଣ୍ଡରେ ତେଲ ମାରିବାରେ ବ୍ୟସ୍ତ। ମାତ୍ର ଯିଏ ଭୋକିଲା ସେ ସବୁଦିନ କାନ୍ଦୁଛି ବୋଲି କହିଥିଲେ। ଏହି ଅଧିବେଶନରେ ସଂଘର ଆଗାମୀ ଯୋଜାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ମଜଦୁର ସଂଘର ଜିଲ୍ଲା ସମ୍ପାଦକ ପରେଶ ନାଥ ଧଳ, ଅଙ୍ଗନୱାଡ଼ି ସଂଘର ଜିଲ୍ଲା ସଭାନେତ୍ରୀ ଜୟନ୍ତୀ ଜେନା ଆଶାକର୍ମୀଙ୍କ ହିତ ଉଦ୍ଦେଶ୍ୟରେ ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଆଶାକର୍ମୀ ସଂଘର ଜିଲ୍ଲାସ୍ତରୀୟ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାନେତ୍ରୀ ଭାବେ ତିଳୋ ମା ସାହୁ, ଉପସଭାନେତ୍ରୀ ମାନସୀ ଜେନା, ଉଷାରାଣୀ ମିଶ୍ର, ସମ୍ପାଦିକା ସଞ୍ଜୁଲତା ରାଉତ, ସହସମ୍ପାଦିକା ରଶ୍ମିତା ଦାସ, ଜୟନ୍ତୀ ପଣ୍ଡା, କୋଷାଧକ୍ଷା ଭାବେ ନିରୂପମା ପତ୍ରୀଙ୍କୁ ଚୟନ କରାଯାଇଥିଲା।

## ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି। 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି। ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓ୍ୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି। ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି। ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ। ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ। ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ। ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ। ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୁଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ। ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ। ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ।

## ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଶଂ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ ରହିଛି। ମୋଟୋର ଗ୍ରେଡ଼ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ୍ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

## ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧ୍ୟକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଧିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗ୍‌ମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ପ୍ଲେୟାର ଗାର୍‌ନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲ୍‌ଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି। ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି। ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି।

## ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଚାଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଚାଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଚାଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ଷଙ୍କକ୍ଷଣ୍ଣ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଚାଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଚାହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଚାମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଚାଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଚାଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଚାଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ।

## କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଠକ୍ଷଣ୍ଣ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍‌କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

## ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଠକ୍ଷଣ୍ଣ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ୍, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷଣ୍ଣ;ରନେଟ ଅଫ୍ ଥିଙ୍ଗସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

## ଭଦ୍ରକ ଜିଲାର ଦୁଇଟି ଥାନା ଅଞ୍ଚଳରେ ସରକାରୀ ମୁସଲିମ୍ କାଜି ନିଯୁକ୍ତ

ଭଦ୍ରକ, (ପି.ଏନ): ରାଜ୍ୟ ସରକାରଙ୍କ (ଭି-।। ଅଫ୍ ୧୯୪୯) ମହମଦିଆନ ମ୍ୟାରେଜ୍ ଏଣ୍ଡ ଡାଇଭର୍ସ ଆକ୍ଟ ଅନୁଯାୟୀ ମୁସଲିମ୍ ସଂପ୍ରଦାୟର ବିବାହ ଓ ବିଚ୍ଛେଦ ପଂଜିକରଣ ରେଜିଷ୍ଟ୍ରାର ଭାବେ ମୁଫ୍‌ତି ଗୋଲାମ୍ ମୁସ୍ତଫା ଅଲିମ୍ ଓ ହାଫିଜ ମହମ୍ମଦ ରମଜାନ ଅଲ୍ଲୀଙ୍କୁ ସରକାରଙ୍କ ଚିଠି ନଂ ୭୦୫୨, ଏମ୍‌ଏଣ୍ଡବିସିଡବ୍ଲ୍ୟୁ, ତା ୧୧.୦୪.୨୩ ରିଖ ମୂଳେ କାଜି ଭାବେ ନିଯୁକ୍ତି କରାଯାଇଛି। ମୁଫ୍‌ତି ଗୋଲାମ୍ ମୁସ୍ତଫା ଅଲିମ୍ ଗୁଜିଦରଡା, ବେନ୍ତାଳ, ବିଶଲପୁର, ବହୁଦରଡା ଓ ଚରମ୍ପା ପାଇଁ ଏବଂ ହାଫିଜ ମହମ୍ମଦ ରମଜାନ ଅଲ୍ଲୀ ପୁରୁଣାବଜାର, ଭଦ୍ରକ ଦାୟିତ୍ୱରେ ଅଛନ୍ତି। ଓଡ଼ିଶା ସରକାରଙ୍କ ବହୁ ମୁସିଲମ୍ ବିବାହ ଓ ବିଚ୍ଛେଦ ଅଧିକାର ସଂଗଠନର ସେକ୍ରେଟାରୀ ମୌଲାନା ଏବାଦୁଲ୍ଲା, ସଭାପତି ମୌଲାନା ଆସିକୁର କାଦ୍ରୀ, ଗୁଜିଦରଡା ଓ ପୁରୁଣାବଜାର ଭଦ୍ରକର ବହୁ ମୁସ୍‌ଲିମ୍ ଏବଂ ମୁସ୍‌ଲିମ୍ ଜମାତ ପକ୍ଷରୁ ଏଥିପାଇଁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦିଆଯାଇଛି।




## ସଂସ୍କାର ଭାରତୀ ସଂସ୍ଥାପକ ପଦ୍ମଶ୍ରୀ ବାବା ଯୋଗେନ୍ଦ୍ରଜୀଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର (ପିଏନ୍): ଅଖିଳ ଭାରତୀୟ ସାଂସ୍କୃତିକ ସଂଗଠନ ସଂସ୍କାର ଭାରତୀର ସଂସ୍ଥାପକ ପଦ୍ମଶ୍ରୀ ବାବା ଯୋଗେନ୍ଦ୍ରଜୀଙ୍କର ଗତ ୧୦ ତାରିଖ ଶୁକ୍ରବାର ଦିନ ଲକ୍ଷ୍ନୌଠାରେ ମହାପ୍ରୟାଣ ହୋଇଯାଇଛି । ଯୋଗେନ୍ଦ୍ରଜୀଙ୍କ ସ୍ମୃତି ପ୍ରତି ସମ୍ମାନପ୍ରଦର୍ଶନ ଉଦ୍ଦେଶ୍ୟରେ ସଂସ୍କାର ଭାରତୀ ଉତ୍କଳ ପୂର୍ବପ୍ରାନ୍ତ ପକ୍ଷରୁ ଭୁବନେଶ୍ୱର ୟୁନିଟ-୩ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ସଂଗଠନର ଓଡିଶା ପୂର୍ବ ପ୍ରାନ୍ତର ଅଧ୍ୟକ୍ଷ ଶାନ୍ତନୁ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବ ପ୍ରାନ୍ତର ସଂଘଚାଳକ ସମୀର କୁମାର ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ।

୧୯୮୧ ମସିହା ବେଳକୁ ଯୋଗେନ୍ଦ୍ରଜୀଙ୍କ ନେତୃତ୍ୱରେ ସର୍ବଭାରତୀୟ ସ୍ତରରେ ଦେଶର କଳା ଓ କଳାକାରମାନଙ୍କୁ ଏକତ୍ରିତ କରି ଏକ ରାଷ୍ଟ୍ରୀୟ ସଂଗଠନ ପ୍ରତିଷ୍ଠା ହୋଇଥିଲା । ଏହାର ନାମ ରହିଲା ସଂସ୍କାର ଭାରତୀ । ଅଦମ୍ୟ ଉତ୍ସାହ, ଅବିରତ ସଂକଳ୍ପ ଶକ୍ତି ବଳରେ ବାବା ଯୋଗେନ୍ଦ୍ରଜୀ ଏହି ଅନୁଷ୍ଠାନକୁ ଏକ ବିଶାଳ ଅନୁଷ୍ଠାନରେ ପରିଣତ କରିଛନ୍ତି । ବାବା ଯୋଗେନ୍ଦ୍ରଜୀଙ୍କ ଜନ୍ମ ୧୯୨୪ ମସିହା ଉତରପ୍ରଦେଶର ବସ୍ତି ଜିଲ୍ଲାରେ ହୋଇଥିଲା । ୧୯୪୨ ମସିହାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘରେ ଯୋଗଦେବା ପରଠାରୁ ସେ ୯୮ ବର୍ଷରେ ଦେହାନ୍ତ ହେବା ପର୍ଯ୍ୟନ୍ତ ଅତ୍ୟନ୍ତ ସକ୍ରିୟତାର ସହ ସଂସ୍କାର ଭାରତୀର ମାର୍ଗ ଦର୍ଶକ ଭାବରେ କାର୍ଯ୍ୟ କରୁଥିଲେ । ତାଙ୍କର ଦେହାନ୍ତ ଭାରତୀୟ ସାଂସ୍କୃତିକ ସଂଗଠନରେ ଏକ ଅପୂରଣୀୟ କ୍ଷତି । ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ଆକୁମାରୀ ହିମାଚଳ ପର୍ଯ୍ୟନ୍ତ ଭାରତୀୟ ସଂସ୍କୃତିର ବିବିଧତାକୁ ପ୍ରୋତ୍ସାହନ, ସମ୍ବର୍ଦ୍ଧନ କରିବାରେ ସମର୍ପିତ ହୋଇଥିଲା ତାଙ୍କର ଜୀବନ । ନିଜେ ଜଣେ କଳାକାର ଭାବରେ କଳାକାରମାନଙ୍କ ସମସ୍ୟାକୁ ଉପଲବ୍ଧି କରି ସେମାନଙ୍କ କଲ୍ୟାଣ ସାଧନ ପାଇଁ ସେ ବହୁବିଧ ଉଦ୍ୟମ କରି ଆସିଥିଲେ । ସର୍ବଭାରତୀୟ ସଂସ୍କୃତିପୁରୁଷ ଭାବରେ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା ।

ଏହି ଶ୍ରଦ୍ଧାଞ୍ଜଳି ସଭାରେ ସର୍ବଶ୍ରୀ ଡକ୍ଟର ଗୋପାଳ ପ୍ରସାଦ ମହାପାତ୍ର, ଡକ୍ଟର ସ୍ନେହପ୍ରଭା ସାମନ୍ତରାୟ, ଜୟଦେବ ସେଠ୍, ବିଶ୍ୱନାଥ ବାରିକ, କମଳେଶ ଦାଶ, ଆନନ୍ଦ ଚନ୍ଦ୍ର ପାଣ୍ଡେ, ଜଗନ୍ନାଥ ପଟ୍ଟନାୟକ, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ସଂଜୟ କୁମାର ମିଶ୍ର, ଅସିତବରଣ ମହାପାତ୍ର ପ୍ରମୁଖ ପଦ୍ମଶ୍ରୀ ବାବା ଯୋଗେନ୍ଦ୍ରଜୀଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ନିତାଇ ନନ୍ଦ, ଦିଲ୍ଲୀପ ଜେନା, ଶ୍ରୀକାନ୍ତ ଦାସ, ବ୍ରହ୍ମାନନ୍ଦ ଦାଶ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରସମନ ଟେବୁଲ ଟପ ଏକ୍ସସରସାଇଜ ବୈଠକ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରସମନ ଟେବୁଲ ଟପ ଏକ୍ସସରସାଇଜ ବୈଠକ ଶନିବାର ପୂର୍ବାହ୍ନ ୧୦ଘଟିକା ସମୟରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପିତାମ୍ବର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଓସଡମା ଏବଂ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ବୈଠକରେ ସ୍ୱତନ୍ତ୍ର ଯୁଗ୍ମ ରିଲିଫ କମିଶନର ପଦ୍ମନାଭ ବେହେରା ଯୋଗଦେଇ ୧୯୯୯ ମସିହା ମହାବାତ୍ୟା ପରେ ରାଜ୍ୟ ସରକାର ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କରିବା ନିମନ୍ତେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଓ ପ୍ରଶମନ ଉପରେ ଗୁରୁତ୍ୱାରୋପ କରିବା ସହିତ ବିପର୍ଯ୍ୟୟ ପରିଚାଳନା ଆଇନ ପ୍ରଣୟନ କରି ଗ୍ରାମପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ଗଠନ କରାଯାଇଥିବା କମିଟିର ସଦସ୍ୟମାନଙ୍କ ସହଯୋଗ ଓ ସହଭାଗିତା ଯୋଗୁଁ ଆମେ ଜିଲ୍ଲାରେ ଶୂନ୍ୟ ମୃତ୍ୟୁହାର ପାଇଁ ରାଜ୍ୟରେ ସୁନାମ ଅର୍ଜନ କରିଛୁ ବୋଲି ମତବ୍ୟକ୍ତ କରିଥିଲେ । ବୈଠକରେ ଯୋଗଦେଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରିଣୀ ଡା. ଅନୀତା ପଟ୍ଟନାୟକ, ଜିଲ୍ଲା ମତ୍ସ୍ୟ ଅଧିକାରିଣୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ବେସାମରିକ ଯୋଗାଣ ଅଧିକାରୀ, ଜଳସେଚନ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ, ବିଦ୍ୟୁତ, ରାସ୍ତା ଓ କୋଠାବାଡି ଡିଭିଜନର ନିର୍ବାହୀ ଯନ୍ତ୍ରୀମାନେ ବନ୍ୟା ଓ ବାତ୍ୟାର ମୁକାବିଲା ପାଇଁ ନିଆଯାଇଥିବା ଆଗୁଆ ପଦକ୍ଷେପ ସମ୍ପର୍କରେ ସ୍ୱତନ୍ତ୍ର ଯୁଗ୍ମ ରିଲିଫ କମିଶନରଙ୍କୁ ଅବଗତ କରାଇଥିଲେ । ସହକାରୀ




କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ତୃଣମୂଳ ସ୍ତରରେ ଜନ ସଚେତନତା ସୃଷ୍ଟି କରିପାରିଲେ ବାତ୍ୟା, ବନ୍ୟା ତଥା ଅନ୍ୟାନ୍ୟ ବିପର୍ଯ୍ୟୟର ମୁକାବିଲା କରିବା ସହ ଧନ ଜୀବନ ହାନୀକୁ ରୋକାଯାଇପାରିବ ବୋଲି ମଧ୍ୟ ସେ ମତବ୍ୟକ୍ତ କରିଥିଲେ । ଓଡିଶା ୨୦ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ବେଳେ କେନ୍ଦ୍ରାପଡା ଜିଲ୍ଲାର ୯ଟି ବ୍ଲକ ମଧ୍ୟରୁ ମହାକାଳପଡା ଓ ରାଜନଗର ବ୍ଲକର ୨୧ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୧୭୫ଟି ଗ୍ରାମରେ ବାସ କରୁଥିବା ପ୍ରାୟ ୨ଲକ୍ଷ ୨୦ହଜାର ଲୋକ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ହୋଇଥାନ୍ତି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାମଲ ମତବ୍ୟକ୍ତ କରିଥିଲେ । ଆସନ୍ତା କାଲି ୧୧୭ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଆୟୋଜିତ ମକଡ୍ରିଲରେ ନୋଡାଲ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ , ବାତ୍ୟା ଆଶ୍ରୟସ୍ଥଳୀ କମିଟିର ସଭାପତି ଓ ସମ୍ପାଦକମାନେ ଅଂଶଗ୍ରହଣ କରିବେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାମଲ ବନ୍ୟା, ବାତ୍ୟା, ସୁନାମୀ ଭଳି ପ୍ରାକୃତିକ ବିପର୍ଯ୍ୟୟ ଯଥା ଫନି, ହୁଡୁହୁଡୁ, ଜୱାଦ, ୟାଶ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜିଲ୍ଲା ଠାରୁ ଆରମ୍ଭ ଅଗ୍ନିଶମ ଅଧିକାରୀ ଜିଲ୍ଲାରେ କାର୍ଯ୍ୟକ୍ଷମ ୧୦ଟି ଫାୟାର ଷ୍ଟେସନରେ ୩ହଜାର ୨ଶହଟି ଗଛକଟା ମେସିନ କରତ, ୨୨ଟି ଆସକାଲାଇଟକୁ କାର୍ଯ୍ୟକ୍ଷମ କରି ରଖାଯିବା ସହ ପେଟ୍ରୋଲ ଓ ୨ଟି ପ୍ରଭୃତି ଆବଶ୍ୟକ ସରଞ୍ଜାମକୁ ମହଜୁଦ କରି ରଖାଯାଇଛି ବୋଲି ସୂଚନା ଦେଇଥିଲେ । ଏହି ବୈଠକରେ ରାଜନଗର ଡିଏଫଓ ଯଜ୍ଞଦତ୍ତପତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଇନ୍ଦ୍ରମଣୀ ବେହେରା, ଓସଡମାର ରାଜ୍ୟ ପ୍ରକଳ୍ପ ଅଧିକାରୀ ଲକ୍ଷ୍ମୀକାନ୍ତ ନାୟକ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଦୁର୍ଗା ପ୍ରସାଦ ମହାରଣା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମନ୍ଦରଧର ମାହାଲିକ, ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର, ଅତିରିକ୍ତ ତହସିଲଦାର, ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ବଳିଆରସିଂହ, ଏନଡିଆରଏଫର ସବଇନିସପେକ୍ଟର ଓ ପ୍ରଶିକ୍ଷକ ସଦସ୍ୟମାନେ ଉପସ୍ଥିତ ଥିଲେ । ଶେଷରେ ଜିଲ୍ଲା ଜରୁରୀ ଅଧିକାରୀ ହେମଲତା ବାହାଲିଆ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଗ୍ନିପଥ ଯୋଜନା ବାତିଲ ହେଉ !

ଭୁବନେଶ୍ୱର (ପିଏନ୍): କେନ୍ଦ୍ର ସରକାରଙ୍କର ଅଗ୍ନିପଥ ଯୋଜନାକୁ ଡି.ୱାଇ.ଏଫ୍.ଆଇ. ତୀବ୍ର ପ୍ରତିବାଦ କରି ତୁରନ୍ତ ପ୍ରତ୍ୟାହାର ପାଇଁ ଦାବି କରୁଛି । ଏହା ଏକ ଜାତୀୟ ସ୍ୱାର୍ଥବିରୋଧୀ ନୀତି ବୋଲି ଡିୱାଇଏଫ୍ଆଇ ତରଫରୁ କୁହାଯାଇଛି । ପେସାଦାର/ ବୃତ୍ତିଗତ ସେନାବାହିନୀ ପାଇଁ ଠିକା ଭିତ୍ତିରେ ୪ ବର୍ଷ ପାଇଁ ନିଯୁକ୍ତି ଗ୍ରହଣଯୋଗ୍ୟ ନୁହେଁ । ଏହାଦ୍ୱାରା ପେନ୍‌ସନ୍ ଅର୍ଥକୁ ବଞ୍ଚାଇବାକୁ ଯାଇ ସେନାବାହିନୀର ଗୁଣ ଓ ଦକ୍ଷତା ପ୍ରତି ସାଲିସ୍ କରାଯାଇଛି ।

କେନ୍ଦ୍ର ସରକାରୀ ଦପ୍ତରରେ ୨୩ ଲକ୍ଷ ପଦବୀ ଖାଲି ଥିଲାବେଳେ ଗତ ୨ ବର୍ଷ ହେଲା ସେନାରେ ନିଯୁକ୍ତି ଦିଆଯାଇନାହିଁ । ବିଜେପି ସରକାର ବର୍ଷକୁ ୨ କୋଟି ନିଯୁକ୍ତି ଦେବା କଥା କହି ଯୁବକମାନଙ୍କୁ ପ୍ରତାରଣା କରିଛନ୍ତି । ଏତିକିବେଳେ ସ୍ଥାୟୀ ନିଯୁକ୍ତି ନଦେଇ ସେନାରେ ୪ ବର୍ଷିଆ ଠିକା ନିଯୁକ୍ତି ଦେବା ଘୋଷଣା ଯୁବକ ମାନଙ୍କର ଭବିଷ୍ୟତ ପ୍ରତି କୌଣସି ଧ୍ୟାନ ନାହିଁ ବୋଲି ପ୍ରମାଣିତ କରୁଛି । ଏହାର ପରିଣାମସ୍ୱରୂପ ଠିକା ନିଯୁକ୍ତିରେ ତାଲିମପ୍ରାପ୍ତ ଏହି ସୈନିକବଳ ପରବର୍ତ୍ତୀ ସମୟରେ ଘରୋଇ ସଶସ୍ତ୍ରବାହିନୀରେ ପରିଣତ ହେବ ।

ନିଯୁକ୍ତିର ସର୍ବନିମ୍ନ ନିରାପତ୍ତା ନଥାଇ ଆମ ଯୁବକମାନଙ୍କୁ ସର୍ବୋତ୍ତମ ତ୍ୟାଗ କରିବା ପାଇଁ ଆହ୍ୱାନ ଦେବା ଏକ ଅପରାଧ । ସାରା ଦେଶରେ ଏହି ଭୟଙ୍କର ଯୋଜନା ବିରୁଦ୍ଧରେ ଯୁବକଯୁବତୀ ମାନଙ୍କର ପ୍ରତିବାଦ ପୁଞ୍ଜିଭୂତ ଅସନ୍ତୋଷକୁ ହିଁ ପ୍ରତିଫଳିତ କରୁଚି ।

ଏହି ପରିସ୍ଥିତିରେ ଅଗ୍ନିପଥ ଯୋଜନାକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଡି.ୱାଇ.ଏଫ୍.ଆଇ. ଦାବି କରିବା ସହ ସ୍ଥାୟୀ ନିଯୁକ୍ତି ପାଇଁ ଦାବି କରୁଛି ।

## ମୁକୁଳା ଟ୍ରାନ୍ସଫରମର୍‌କୁ ନେଇ ଜନଅସନ୍ତୋଷ

ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ଉପକଣ୍ଠ ଲିଙ୍ଗିପୁର ଗ୍ରାମପଂଚାୟତର ଗାଙ୍ଗୋତ୍ରୀ ନଗର (Road No-3)ର ପ୍ରବେଶ ପଥଠାରେ ଏକ ଟ୍ରାନ୍ସଫରମର ମୁକୁଳା ହୋଇ ପଡିରହିଛି । ଏହି ଟ୍ରାନ୍ସଫରମର ମୁକୁଳା ହେବା ଫଳରେ ଗାଈ, ଗୋରୁ, ମଣିଷ, ଛୋଟ ପିଲା ସ୍କୁଲ ଦେଇ ସେଇ ବାଟେ ଯିବା ଆସିବା କରୁଛନ୍ତି ଓ ସେମାନଙ୍କ ଜୀବନ ମଧ୍ୟ ବିପଦରେ ପଡିଛି । କିଛିଦିନ ପୂର୍ବରୁ ଟ୍ରାନ୍ସଫରମର ପାଖରେ ଗୋଟିଏ ଗାଈ ଘାସ ଖାଉଥିବା ସମୟରେ ଟ୍ରାନ୍ସଫରମର ସମ୍ପର୍କରେ ଆସି ମୃତ୍ୟୁବରଣ କରିଥିଲା ଏବଂ ଏହାପୂର୍ବରୁ ୩/୪ଟି ପଶୁ ଉକ୍ତ ସ୍ଥାନରେ ମୃତ୍ୟୁବରଣ କରିଥିଲେ ଏବଂ କେତେକ ଗୁରୁତର ଭାବେ ଆହତ ମଧ୍ୟ ହୋଇଛନ୍ତି । ଯେହେତୁକି ଟ୍ରାନ୍ସଫରମଟି ମୁକୁଳା ହୋଇପଡିଛି । ରାତ୍ରି ସମୟରେ ସାଧାରଣ ଲୋକ ଗମନାଗମନ କରିବା ସମୟରେ ତାଙ୍କ ଗାଡି କିମ୍ବା ଚଲାପଥରେ ବ୍ୟାପକ ବାଧକ ସୃଷ୍ଟି ହେଉଛି । ବାରମ୍ବାର ବିଦ୍ୟୁତ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କନିଷ୍ଠ ଯନ୍ତ୍ରୀ କହୁଛନ୍ତି ଏସଡିଓଙ୍କୁ କହିବା ପାଇଁ, ଏସଡିଓ କହୁଛନ୍ତି ନିର୍ବାହୀ ଯନ୍ତ୍ରୀଙ୍କୁ କହିବା ପାଇଁ । ଯାହାଫଳରେ ସାଧାରଣ ମଣିଷର ଜୀବନ ବାଜିରେ ଲାଗିପଡିଛି । ଏଣୁ ଗାଙ୍ଗୋତ୍ରୀନଗରବାସୀମାନେ ସରକାରଙ୍କୁ ତୁରନ୍ତ ଗ୍ରୀଲ୍ କିମ୍ବା ଲୁହାବାଡ ଉକ୍ତ ସ୍ଥାନରେ ସ୍ଥାପନ କରି ସାଧାରଣ ମଣିଷ ଏବଂ ପଶୁପକ୍ଷୀଙ୍କ ଜୀବନ ରକ୍ଷାକରିବା ପାଇଁ ଅନୁରୋଧ କରିଛନ୍ତି ।

## ଜିଲ୍ଲାରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ



ବାଲେଶ୍ୱର (ପିଏନ୍)-ଜିଲ୍ଲାରେ ବିଭିନ୍ନ ମଣ୍ଡିରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀ ସ୍ଥାନୀୟ ସଦର ବ୍ଲକ ସାରଗାଁ ସମବାୟ ସମିତିରେ ଏହାର ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି । ଚଳିତ ବର୍ଷ ପାଇଁ ଏହି ଧାନ ସଂଗ୍ରହ/କ୍ରୟ ପ୍ରକ୍ରିୟା ଜିଲ୍ଲାର ୧୦୯ଟି ମଣ୍ଡିରେ ଆସନ୍ତା ଜୁନ୍ ୩୦ତାରିଖ ପର୍ଯ୍ୟନ୍ତ ଚାଲିବ । ଜିଲ୍ଲାର ମୋଟ ୩୪ ହଜାର ୮୮୧ଜଣ ଚାଷୀ ରବି ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଛନ୍ତି । ଗତ ରବି ଋତୁରେ ଅମଳ ହୋଇଥିବା ଧାନକୁ ଚାଷୀମାନେ ନିକଟସ୍ଥ ମଣ୍ଡିରେ ବିକ୍ରି କରିପାରିବେ । ଧାନକ୍ରୟ କ୍ଷେତ୍ରରେ ସରକାରୀ ନିୟମର ଅନୁପାଳନ, ସମସ୍ତ ପର୍ଯ୍ୟାୟରେ ସ୍ୱଚ୍ଛତା ଅବଲମ୍ବନ ସହିତ ଚାଷୀମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତୀ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାରେ ମୋଟ ୪ଲକ୍ଷ ୩୬ହଜାର ୭୬୪ କ୍ୱିଂଟାଲ ଧାନ କ୍ରୟ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳ ୨୨ଜଣ ମିଲର୍ସଙ୍କୁ ଏଥିରେ ସାମିଲ କରାଯାଇଛି । ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଂଟାଲ ପ୍ରତି ୧୯୪୦ ଟଙ୍କା ଧାର୍ଯ୍ୟ କରାଯାଇଛି । ସୁବ୍ୟବସ୍ଥିତ ଢଙ୍ଗରେ ଧାନ ସଂଗ୍ରହ ସହ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଚାଷୀମାନଙ୍କ ବ୍ୟାଙ୍କ ଆକାଉଂଟକୁ ଯେଭଳି ସିଧାସଳଖ ଟଙ୍କା ପହଂଚିପାରିବ ତାହା ସୁନିଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ପ୍ରଦ୍ୟୁମ୍ନ କୁମାର ରାଉତରାଏଙ୍କ ସମେତ, ଯୋଗାଣ ବିଭାଗ କର୍ମଚାରୀ, ସମବାୟ ସମିତିର କର୍ମକର୍ତ୍ତା ଓ ଚାଷୀମାନେ ଉପସ୍ଥିତ ଥିଲେ ।


# DISPLAY CLASSIFIED

**FOR ADVERTISEMENT CONTACT**

Phone No. (0674) 2555116/9853400829

Fax: (0674) 2550504

E-mail : paryabekhyak@gmail.com

editorpbkc@gmail.com

**TARIFF:** 10c.m.x 4cm: Rs. 8,000/- (One Month)

10c.m.x 4cm: Rs. 350/- (One day)

5c.m.x 4cm: Rs. 5,000/- (One Month)

5c.m.x 4cm: Rs. 200/- (One day)

**VED BHAWAN**

Creating Peace, Progress & Prosperity

For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.

DO YOU NEED PUNDITS / ASTROLOGERS / VASTU EXPERTS ?

Contact :

Near Mukteswar Temple,

Sarbodaya Nagar, Puri.

N-3, B-14/15, MPS Campus, Nayapalli, Bhubaneswar

Ph. 0674-2550786, Fax : 0674-2550504

Email.: yagyaanusthan@sify.com

**ADMISSION ON**

**MPS PLAY HOME**

Where awareness nurtured, innocence blossoms.

For

PRE-NURSERY, NURSERY, L.K.G. & U.K.G.

N-3B-14/15, Ekamra Kanan Road, Nayapalli, BBSR

Tel : (0674) 2556225, 2558884, Fax : 2550504

Email : maharishipublicschool@yahoo.com

Web : www.maharishipublicschool.com

Pragyan Communication

Mahaditya Publication

**ADMISSION ON**

**MAHARISHI PUBLIC SCHOOL**

your gateway to complete education

For

PRE-NURSERY, NURSERY, L.K.G., U.K.G., Std-1 to Std-VIII

Baghra Road, Baripada

Tel-06792-255227

Email : maharishipublicschool@yahoo.com

Web : www.maharishipublicschool.com


## ବରିଷ୍ଠ ସ୍ତମ୍ଭ ଲେଖକ ଆର୍ତ ମିଶ୍ର ପାଇଲେ ଅଷ୍ଟାଦଶ ନାରଦ ସମ୍ମାନ

ଭୁବନେଶ୍ୱର (ପିଏନ୍): ଅର୍ଦ୍ଧ ଶତାବ୍ଦୀର ସାମ୍ବାଦିକତା ଓ ସ୍ତମ୍ଭ ରଚନା ସମୟ ମଧ୍ୟରେ ତିନି ଦଶନ୍ଧି ଇଂରାଜୀ ଭାଷାରେ ଏବଂ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଓଡିଆ ଭାଷାରେ ସାଧନା ଜାରି ରଖିଥିବା, ଯାହାଙ୍କର ରୋକ୍ ଠୋକ୍ ଶବ୍ଦ ଓ ବେସାଲିସ ଆଭିମୁଖ୍ୟ ତାଙ୍କୁ ଜଣେ ପ୍ରଚଣ୍ଡ ରାଷ୍ଟ୍ରବାଦୀ ସ୍ତମ୍ଭକାର ଭାବେ ପରିଚିତ କରାଇଛି, ସେଭଳି ଜଣେ ଦେଶପ୍ରେମୀ ସ୍ତମ୍ଭକାର ଶ୍ରୀ ଆର୍ତ ମିଶ୍ରଙ୍କୁ ତାଙ୍କର ଜୀବନବ୍ୟାପୀ ସାଧନା, ଅଧ୍ୟବସାୟ ଓ ସାମ୍ବାଦିକତା କ୍ଷେତ୍ରକୁ ଅବଦାନ ନିମନ୍ତେ ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡିଶା ତରଫରୁ ୨୦୨୨ ବର୍ଷ ପାଇଁ ମର୍ଯ୍ୟାଦାପୂର୍ଣ୍ଣ ନାରଦ ସମ୍ମାନରେ ବିଭୂଷିତ କରାଯାଇଛି ।

ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡିଶା ତରଫରୁ ବରିଷ୍ଠ ସ୍ତମ୍ଭ ଲେଖକ ଅଧ୍ୟାପକ ନିରଞ୍ଜନ ପାଢୀଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ 'ଅଷ୍ଟାଦଶ ନାରଦ ସମ୍ମାନ' ଉତ୍ସବ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଓଡିଶାର ଅବସରପ୍ରାପ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ବିଶିଷ୍ଟ ସାହିତ୍ୟିକ ଡ. ଶ୍ରୀଯୁକ୍ତ ରବିନାରାୟଣ ସେନାପତି ମୁଖ୍ୟ ଅତିଥି ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବ ପ୍ରାନ୍ତର ସମ୍ପର୍କ ପ୍ରମୁଖ ଆଡଭୋକେଟ ଶ୍ରୀ ସର୍ବେଶ୍ୱର ବେହେରା ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ । ଶ୍ରୀ ମିଶ୍ରଙ୍କୁ ମାନପତ୍ର, ଉତରୀୟ, ନାରିକେଳ ଓ ଦଶ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଶ୍ରୀ ସାଇ ପ୍ରସାଦ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାରଦ ଜୟନ୍ତୀ ସମାରୋହ ସମିତିର ବରିଷ୍ଠ ସଦସ୍ୟ ଶ୍ରୀ ସୁମନ୍ତ କୁମାର ପଣ୍ଡା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ୟୁନିଟ-୮, ଭୁବନେଶ୍ୱରର ଶିଶୁମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ ।

ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡିଶା ତରଫରୁ ଗଣମାଧ୍ୟମରେ ସ୍ୱାଧୀନତା ସମ୍ବନ୍ଧରେ ସଚେତନତା ସୃଷ୍ଟି କରୁଥିବା, ଜନସାଧାରଣଙ୍କୁ ନିରପେକ୍ଷ, ମୁକ୍ତ ଓ ଦାୟିତ୍ୱସମ୍ପନ୍ନ ସମ୍ବାଦ ପରିବେଷଣ ସହ ରାଷ୍ଟ୍ରୀୟ ବିଚାରଧାରାର ପ୍ରସାର ପାଇଁ ଲେଖନୀଚାଳନା କରୁଥିବା ଗଣମାଧ୍ୟମର ବ୍ୟକ୍ତିତ୍ୱଙ୍କୁ ପ୍ରତିବର୍ଷ ନାରଦ ଜୟନ୍ତୀରେ ରାଜ୍ୟସ୍ତରୀୟ ନାରଦ ସମ୍ମାନ ପ୍ରଦାନ କରାଯାଇଥାଏ । ୨୦ବର୍ଷ ଧରି ବିଶ୍ୱ ସମ୍ବାଦ କେନ୍ଦ୍ର ତରଫରୁ ଆଦ୍ୟ ସାମ୍ବାଦିକ ଦେବର୍ଷି ନାରଦଙ୍କ ଜୟନ୍ତୀ ପାଳନ କରାଯିବା ସହ ରାଜ୍ୟର ଜଣେ ବରିଷ୍ଠ ତଥା ବିଶିଷ୍ଟ ସାମ୍ବାଦିକଙ୍କୁ ରାଜ୍ୟସ୍ତରୀୟ ନାରଦ ସମ୍ମାନ ପ୍ରଦାନ କରାଯାଉଛି । ସୂଚନାଯୋଗ୍ୟ ଯେ ଏହାପୂର୍ବରୁ ବରିଷ୍ଠ ସାମ୍ବାଦିକ ଶ୍ରୀ ଅରୁଣ କୁମାର ପଣ୍ଡା, ଶ୍ରୀ ଭଗବାନ ନାୟକବର୍ମା, ଶ୍ରୀ ରାଜାରାମ ଶତପଥି, ଶ୍ରୀ ଗୋପାଳକୃଷ୍ଣ ମହାପାତ୍ର, ସ୍ୱର୍ଗତଃ ଶ୍ରୀ ଗୋପାଳ ମିଶ୍ର, ଶ୍ରୀ ସୁଧିର କୁମାର ଦାଶ, ସ୍ୱର୍ଗତଃ ଶ୍ରୀ ବରେନ୍ଦ୍ରକୃଷ୍ଣ ଧଳ, ଶ୍ରୀ ଭାଗିରଥି ମହାସୁଆର, ଶ୍ରୀ ଭାସ୍କର ପରିଚ୍ଛା, ଶ୍ରୀ ପ୍ରଭୁକଲ୍ୟାଣ ମହାପାତ୍ର, ଶ୍ରୀ ପ୍ରତାପ ମହାନ୍ତି, ଶ୍ରୀ ଜଗବନ୍ଧୁ ମିଶ୍ର, ଶ୍ରୀ ସିଦ୍ଧାର୍ଥ କାନୁନ୍‌ଗୋ, ଶ୍ରୀ ଶିବନାରାୟଣ ସିଂହ, ଶ୍ରୀ ତପନ ମିଶ୍ର ଓ ଶ୍ରୀ ସୁବ୍ରତ ଦାଶ ପ୍ରମୁଖ ଏହି ନାରଦ ସମ୍ମାନରେ ସମ୍ମାନୀତ ହୋଇଛନ୍ତି ।

## ମନରେଗା କାର୍ଯ୍ୟକୁ ନେଇ ଚର୍ଚ୍ଚାରେ ଖଲଣା ସରପଂଚ

ଘଷିପୁରା (ପିଏନ୍): ଘଷିପୁରା ପଞ୍ଚାୟତ ସମିତି ଅନ୍ତର୍ଗତ କିଛି ଗ୍ରାମପଂଚାୟତରେ ମନରେଗା କାର୍ଯ୍ୟ ଗୁଡିକ ମେସିନ୍ ସାହାଯ୍ୟରେ ହେଉଥିବା ଅଭିଯୋଗଗୁଡିକ ଅନେକବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେଉଥିବା ବେଳେ ଘଷିପୁରା ବ୍ଲକ ଖଲଣା ଗ୍ରାମ ପଂଚାୟତରେ ବିଭିନ୍ନ ମନରେଗା କାର୍ଯ୍ୟକୁ ଶ୍ରମିକ ଲଗାଇ ସ୍ଥାନୀୟ ସରପଂଚ କରାଉଥିବା ଦେଖାଯାଇଛି । ଗୋଟିଏ ରାସ୍ତା କାମରେ ପାଖାପାଖି ୧୦୦ ଜଣ ଲୋକ କାମ କରୁଥିବା ଦେଖିବାକୁ ମିଳିଥିବା ବେଳେ ଏଥିରୁ ପ୍ରମାଣିତ ହେଉଛି ଯେ ଶ୍ରମିକମାନେ କାର୍ଯ୍ୟ କରିବାକୁ ଇଚ୍ଛୁକ ଥିବାବେଳେ କିଛି ଅସାଧୁ ଠିକାଦାର ଜବରଦସ୍ତି ମେସିନ୍ ଲଗାଇ କାର୍ଯ୍ୟ କରି ଶ୍ରମିକ ପେଟକୁ ଲାତ ମାରୁଛନ୍ତି । ୧୦୦ ଶ୍ରମିକ କାମ କରୁଥିବା ଭିଡିଓ ଭାଇରାଲ ହେବା ପରେ ଖଲଣା ସରପଂଚ ଜ୍ୟୋତ୍ସ୍ନାରାଣୀ ନାୟକ ଓ ତାଙ୍କ ପରାମର୍ଶଦାତା ଟିକନ ମାଝୀଙ୍କୁ ବିଭିନ୍ନ ଆଡୁ ପ୍ରଶଂସାର ସୁଅ ଛୁଟୁଛି । ଏଭଳି ଏକ ବିରଳ ଉଦାହରଣ ଘଷିପୁରା ପଂଚାୟତ ସମିତି ଅନ୍ତର୍ଗତ ଅନ୍ୟ ସରପଂଚମାନଙ୍କ ପାଇଁ ପ୍ରେରଣା ହୋଇ ରହିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## ଅନ୍ଧାରରେ ୧୫ ପିଲାଙ୍କ ଭବିଷ୍ୟତ, ଭଡାରେ ଚାଲିଛି ଅଙ୍ଗନବାଡି କେନ୍ଦ୍ର

ଭୁବନେଶ୍ୱର (ପିଏନ୍): ଲିଙ୍ଗିପୁର ଗ୍ରାମପଂଚାୟତ (ଗାଙ୍ଗୋତ୍ରୀ ନଗର)ରେ ଥିବା ଅଙ୍ଗନବାଡି କେନ୍ଦ୍ର ବିଗତ ବହୁବର୍ଷ ହେଲା ଅବ୍ୟବସ୍ଥାରେ ଚାଲିଛି । ଖୋଦ୍ ରାଜଧାନୀ ଉପକଣ୍ଠରେ ଏହିଭଳିଆ ଅବସ୍ଥା । ୨୦୧୦ ମସିହାରୁ ଏହି ଅଙ୍ଗନବାଡି କେନ୍ଦ୍ର ଚାଲୁରହିଛି । ଏହି ଅଙ୍ଗନବାଡି କେନ୍ଦ୍ରରେ ଆବଶ୍ୟକୀୟ ଭିତିଭୂମି, ମୌଳିକ ସୁବିଧା ପିଲାମାନଙ୍କୁ ମିଳିପାରୁନାହିଁ । ଏହି ଅଙ୍ଗନବାଡି କେନ୍ଦ୍ରଟି ବହୁ ଦୁର୍ଦ୍ଦଶାରେ ଗତି କରୁଛି । ପ୍ରଶାସନ ପାଖରେ ବାରମ୍ବାର ଗୁହାରି କଲାପରେ ମଧ୍ୟ କେହି କର୍ଣ୍ଣପାତ କରୁନାହାଁନ୍ତି, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଶିକ୍ଷା ଏକ ମୌଳିକ ଅଧିକାର । କିନ୍ତୁ ଯେଉଁଭଳିଆ ଭାବରେ ପ୍ରଶାସନ ଉକ୍ତ ଅଙ୍ଗନବାଡି କେନ୍ଦ୍ରକୁ ସାବତ ପୁଅ ପରି ବ୍ୟବହାର କରୁଛି ତାହା ଅତ୍ୟନ୍ତ ନିନ୍ଦନୀୟ । ମାସକୁ ୨୬୦୦ଟଙ୍କା ଟଙ୍କା ଦେଇ ଅଙ୍ଗନବାଡି କେନ୍ଦ୍ର ଚଳାଇବା ଏକ କାଠିକର ପାଠ ବ୍ୟାପାର । ସିଡିପିଓ ଏହି ବିଷୟରେ ଅବଗତ ଥିଲେ ମଧ୍ୟ ଏବଂ ସରକାର ଏହି ଅଙ୍ଗନବାଡି କେନ୍ଦ୍ର ବିଷୟରେ ଅବଗତ ଥିଲେ ମଧ୍ୟ ଏହି ସମସ୍ୟାର ସମାଧାନ ପାଇଁ ବିଶେଷ କିଛି କରିନଥିବା ଜଣାପଡିଛି । ଆଗକୁ ବର୍ଷା ଦିନ ଆସୁଛି କୋଉଭଳି ଭାବେ ପିଲାମାନଙ୍କର ଶିକ୍ଷା ବାଧାପ୍ରାପ୍ତ ନହେବ ଉଚ୍ଚକର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହୋଇଛି । ଗାଙ୍ଗୋତ୍ରୀ ନଗର ଭିତରେ ଏକ ସ୍ଥାୟୀ ସରକାରୀ ଜାଗାକୁ ଅଙ୍ଗନବାଡି କେନ୍ଦ୍ର ନାଁରେ କରିବା ପାଇଁ ଉଦ୍ୟମ କରାଯାଉଥିବାବେଳେ ଉଚ୍ଚକର୍ତ୍ତୃପକ୍ଷଙ୍କର ଇଚ୍ଛାଶକ୍ତି ଅଭାବରୁ ଏହା ହୋଇପାରୁନାହିଁ । ଅଙ୍ଗନବାଡି କେନ୍ଦ୍ରରେ ଛତୁଆ ବଂଟନଠାରୁ ଆରମ୍ଭ କରି ଛୋଟ ପିଲାମାନଙ୍କର ରୋଷେଇ କରିବା ପାଇଁ ସ୍ଥାନର ଘୋର ଅଭାବ ଦେଖାଦେଇଛି । ଜିଲ୍ଲାପାଳଙ୍କୁ ବିଶେଷ ଭାବରେ ଅନୁରୋଧ କରାଯାଇଛି ଯେ ଛୋଟ ଛୁଆଙ୍କର ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦିଆନଯାଇ ଏକ ସ୍ଥାୟୀ ଜାଗା କିମ୍ବା ଘର ତୁରନ୍ତ ଅଙ୍ଗନବାଡି କେନ୍ଦ୍ରକୁ ଦିଆଯାଉ ।

## ପ୍ରାକ୍ତନ ଅଧ୍ୟକ୍ଷ କ୍ୟାପଟେନ ପ୍ରଭାକର ଶତପଥୀଙ୍କ ବିୟୋଗରେ କେନ୍ଦ୍ରାପଡା କଲେଜରେ ଶୋକ

କେନ୍ଦ୍ରାପଡ଼ା (ପିଏନ୍): କଲେଜର ପ୍ରାକ୍ତନ ଅଧ୍ୟକ୍ଷ କ୍ୟାପଟେନ ପ୍ରଭାକର ଶତପଥୀଙ୍କ ବିୟୋଗରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ କଲେଜ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ବାର୍ଦ୍ଧକ୍ୟଜନିତ ରୋଗରେ ଭୁବନେଶ୍ୱରସ୍ଥିତ ଏକ ବେସରକାରୀ ଡାକ୍ତରଖାନାରେ କ୍ୟାପଟେନ ଶତପଥୀଙ୍କ ଦେହାନ୍ତ ହୋଇଯାଇଛି । ଗତ ୧୯୮୫ରୁ ୧୯୮୭ମସିହା ପର୍ଯ୍ୟନ୍ତ ସ୍ୱର୍ଗତଃ ଶତପଥୀ ଏହି କଲେଜର ଅଧ୍ୟକ୍ଷ ଭାବେ ସୂଚାରୁ ରୂପେ ଦାୟିତ୍ୱ ସମ୍ପାଦନ କରିଥିଲେ । ତାଙ୍କ କାର୍ଯ୍ୟକାଳ ସମୟରେ ମହାବିଦ୍ୟାଳୟର ବହୁ ଉନ୍ନତିମୂଳକ କାର୍ଯ୍ୟ ହେବା ସଙ୍ଗେ ସଙ୍ଗେ ଶୈକ୍ଷିକ ବାତାବରଣରେ ଉନ୍ନତି ପରିଲକ୍ଷିତ ହୋଇଥିଲା । ସଭା ପ୍ରାରମ୍ଭରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଶୋକସଭାରେ ପ୍ରାଧ୍ୟାପକ ଡଃ. ଦେବେନ୍ଦ୍ର ଗୋଛାୟତ, ସେଖ ସାହାବୁଦ୍ଦିନ ଅଲ୍ଲୀ, ଡଃ. ଜ୍ଞାନୀନ୍ଦ୍ର ଦାଶ, ବିଶ୍ୱରଞ୍ଜନ ପୁହାଣ, ରଞ୍ଜିତ କୁମାର ଦାସ ପ୍ରମୁଖ ବହୁ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଯୋଗଦେଇ ସ୍ୱର୍ଗତଃ ଶତପଥୀଙ୍କ କାର୍ଯ୍ୟାଧାରା ସମ୍ପର୍କରେ ଆଲୋକପାତ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସ୍ୱର୍ଗତଃ ଶତପଥୀଙ୍କ ପରିବାରବର୍ଗଙ୍କ ଉଦ୍ଦେଶ୍ୟରେ ଏକ ଶୋକବାର୍ତ୍ତା ପଠାଇବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥି




# ପୁସ୍ତକ-ଆଇ ଏବଂ ଅନକ୍ୟାରିରସ ପକ୍ଷରୁ ମେଗା କ୍ୟାରିଅର କାଉନସେଲିଂ ଓ ପୁସ୍ତକ ବ୍ଣ୍ଟନ






କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ "ପୁସ୍ତକ-ଆଇ ଏବଂ ଅନକ୍ୟାରିରସ" ପକ୍ଷରୁ ଏକ ମେଗା କ୍ୟାରିଅର କାଉନସେଲିଂ ଓ ପୁସ୍ତକ ବ୍ଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ପୂର୍ବତନ ଛାତ୍ରସଂସଦ ସଭାପତି ତଥା ଲଣ୍ଡନ ସ୍କୁଲ ଅଫ ଇକୋନୋମିକ୍ସର ପ୍ରାକ୍ତନ ଛାତ୍ର ଏବଂ ଉପାକର ମୁଖ୍ୟ ଶୁଭଙ୍କର ନାୟକଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ଆଇ.ଆଇ.ଟି.ର ପ୍ରଫେସର ସୌମେନ୍ଦ୍ର ରାଣା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ କ୍ୟାରିଅର ଗଠନ ଦିଗରେ ମାର୍ଗଦର୍ଶନ କରାଇ ବର୍ତ୍ତମାନ ଡାଟା ସାଇନ୍ସ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭଳି ନୂଆ କୋର୍ସ ଏବଂ ଅନ୍ୟାନ୍ୟ ଦିଗରେ ଛାତ୍ରଛାତ୍ରୀମାନେ କ୍ୟାରିଅର କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନ ବିଭାଗର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ସେମାନଙ୍କୁ ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନର ବହୁ ଉପାଦେୟ ପୁସ୍ତକ ପ୍ରଦାନ କରାଯାଇଥିଲା । ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଡଃ. ସଞ୍ଜୀବ କୁମାର ମହାନ୍ତି ଓ ରସାୟନ ବିଭାଗ ମୁଖ୍ୟ ପ୍ରଫେସର ଡଃ. ଦେବେନ୍ଦ୍ରନାଥ ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ । ଅଧ୍ୟାପକ ରଞ୍ଜିତ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଓପାକ ମୁଖ୍ୟ ଶ୍ରୀ ନାୟକ ଛାତ୍ରଛାତ୍ରୀମାନେ ବଡ଼ ସ୍ୱପ୍ନ ଦେଖିବା ସହ ବିଫଳତାର ସାମ୍ନା କରିବାକୁ ପ୍ରସ୍ତୁତ ରହିବା ଉଚିତ ବୋଲି ପରାମର୍ଶ ଦେଇଥିଲେ । ଓପାକ ଶିକ୍ଷା କ୍ଷେତ୍ରରେ ଚାଲୁଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇବା ସହ ଓପାକ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କୁ ଆଗକୁ ବଢିବା ନିମନ୍ତେ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦେବାର ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ଗହଣରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମଟି ଅତ୍ୟନ୍ତ ଆଦୃତ ହୋଇଥିଲା । ଶେଷରେ ଅଧ୍ୟାପକ ପ୍ରମୋଦ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓପାକର ସ୍ୱେଚ୍ଛାସେବୀ ସୋନାଶିଷ ଜେନା, ସୌମ୍ୟରଞ୍ଜନ ଦାସ, ଦେବୀପ୍ରସାଦ ପାତ୍ର, ଦେବଦାସ ମଜୁମଦାର, ସୁନିଲ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସମ୍ବଲପୁରରେ ହିନ୍ଦୁମାନଙ୍କୁ ଯୋଜନାବଦ୍ଧ ଆକ୍ରମଣ ଓ ହତ୍ୟା ପ୍ରତିବାଦରେ "ସମଗ୍ର ହିନ୍ଦୁ ସମାଜ" ତରଫରୁ ବିଶାଳ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ

ଭଦ୍ରକ,(ପି.ଏନ): ଭଦ୍ରକ ସମଗ୍ର ହିନ୍ଦୁ ସମାଜ ତରଫରୁ ସମ୍ବଲପୁରରେ ଗତ ୧୨ ଏପ୍ରିଲ ଏବଂ ୧୪ ଏପ୍ରିଲରେ ହନୁମାନ ଜୟନ୍ତୀ କାର୍ଯ୍ୟକ୍ରମ ଅବସରରେ ଅଚାନକ ଆକ୍ରମଣ ଯାନବାହାନ ପୋଡି ପରେ ଦଳେଇପଡା ଛକରେ ହିନ୍ଦୁ ଯୁବକମାନଙ୍କୁ ଖଣ୍ଡା ଓ ମାରଣାସ୍ତ୍ରରେ ଆକ୍ରମଣ କରିବା ଫଳରେ ଜଣେ ଯୁବକର ଘଟଣାସ୍ଥଳରେ ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟ ଜଣେ ଗମ୍ଭୀରରୂପେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ଏହା ପୂର୍ବରୁ ସମ୍ବଲପୁରରେ ହନୁମାନ ଜୟନ୍ତି କାର୍ଯ୍ୟକ୍ରମରେ ଅନେକଙ୍କର ସମସ୍ୟା ହୋଇଛି । ଏଥର ପୋଲିସ ବିଭାଗର ଅନେକ ଅଧିକାରୀମାନେ ମଧ୍ୟ ଏହି ଆକ୍ରମଣ ଶିକାର ହୋଇଛନ୍ତି । ହିନ୍ଦୁମାନଙ୍କ ଏହି ଶାନ୍ତି ପୂର୍ଣ୍ଣ ଧାର୍ମିକ କାର୍ଯ୍ୟକ୍ରମରେ ଆକ୍ରମଣ ଘଟଣାରେ ସମଗ୍ର ହିନ୍ଦୁ ସମାଜର ଆହ୍ୱାନରେ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଭଦ୍ରକର ଆଜି ସକାଳେ ପ୍ରବଳ ବର୍ଷା ସତ୍ତ୍ୱେ ନୂଆ ବଜାର ସ୍ଥିତ ଶିଶୁ ମନ୍ଦିର ଠାରୁ ଏକ ସାନ୍ତି ପୂର୍ଣ୍ଣ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟକ୍ରମ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଥିଲା । ବିଶ୍ୱବିନ୍ଦୁ ପରିଷଦର ପ୍ରାନ୍ତ ପ୍ରଚାର ପ୍ରମୂଖ ମାନସ ମହାନ୍ତି, ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇ କହିଥିଲେ କି ସରକାର ସାଧାରଣ ଶାନ୍ତି ପ୍ରିୟ ହିନ୍ଦୁମାନଙ୍କର ସହନଶୀଳତାକୁ ବାରମ୍ବାର ପରୀକ୍ଷା ନକରନ୍ତୁ । ସମ୍ବଲପୁରରେ ତୁଷ୍ଟିକରଣ ରାଜନୀତି ଯୋଗୁଁ ଆକ୍ରମଣର ଶିକାର ହୋଇଥିବା ହିନ୍ଦୁମାନଙ୍କୁ ଗିରଫ କରିବା ବନ୍ଦ କରନ୍ତୁ । ପ୍ରକୃତ ଷଡଯନ୍ତ୍ରକାରୀମାନଙ୍କୁ ଚିହ୍ନଟ କରି କଠୋର ଦଣ୍ଡବିଧାନ କରାଯାଉ । ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଜିଲ୍ଲା ପ୍ରମୂଖ ସ୍ୱାଧୀନ ସୁନ୍ଦର ଦାସ ସମ୍ବଲପୁରରେ ହନୁମାନ ଜୟନ୍ତୀରେ ଘଟିଯାଇଥିବା ଘଟଣାକୁ ବିସ୍ତିର୍ଣ୍ଣରୂପେ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗା ବାହିନୀର ଜିଲ୍ଲା ସମ୍ପାଦିକା ମଧୁସ୍ମିତା ମହାପାତ୍ର ରାଜ୍ୟ ସରକାରଙ୍କ ଗୁଇନ୍ଦା ବିଭାଗର ବିଫଳତା ସମ୍ପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମ ପରେ ମାନସ ମହାନ୍ତିଙ୍କ ନେତୃତ୍ୱରେ ବିଭିନ୍ନ ସଂଗଠନର ପ୍ରତିନିଧିମାନେ ଯାଇ ଏକ ଦାବୀପତ୍ର ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସୁବ୍ରତ ନାୟକ, ବିଶ୍ୱହିନ୍ଦୁ ପରିଷଦ ଗୋବିନ୍ଦ ଚନ୍ଦ୍ର ରାଉତ, ନିରଞ୍ଜନ ସାହୁ ଓ ଶିବଶଙ୍କର ଦାସ, ହିନ୍ଦୁ ଜାଗରଣ ମ , ଅଖିଳଭାରତୀୟ ବିଦ୍ୟାର୍ଥୀ ପରିଷଦ, ଶିକ୍ଷାବିକାଶ ସମିତି, ଭାରତିୟ ମଜଦୁର ସଂଘ, ବଜରଙ୍ଗଦଳ, ଦୁର୍ଗା ବାହିନୀ, କୀର୍ତ୍ତନ ସମନ୍ୱୟ ସମିତି, ଜଗନ୍ନାଥ କଳା ସଂସ୍କୃତି ବିକାଶ ପରିଷଦ, ଧର୍ମ ରକ୍ଷା ସମିତି, ଅଧିବକ୍ତା ସମିତି, ଭଦ୍ରକ ବୁଦ୍ଧିଜିବୀ ସଂଘ, ବଣିକ ସଂଘ ଆଦି ଅନେକ ସଂଗଠନର ୫୦୦ରୁ ଉର୍ଦ୍ଧ୍ୱ ପ୍ରତିନିଧିମାନେ ଯୋଗଦେଇଥିଲେ ।

### ବାଲ୍ୟ ବିବାହ ପ୍ରତିରୋଧ ଓ ସେଚତନତା ନେଇ ବ୍ଲକସ୍ତରୀୟ ଅଙ୍ଗନୱାଡ଼ି କର୍ମୀଙ୍କ ବୈଠକ

ହରିଚନ୍ଦନପୁର,(ପି.ଏନ): ପବିତ୍ର ଅକ୍ଷୟ ତୃତୀୟା ଅବସରେର ସୋମବାର ଦିନ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ସମନ୍ୱିତ ଶିଶୁ ବିକାଶ କେନ୍ଦ୍ର ଆୟୋଜନରେ ସ୍ଥାନୀୟ ବାଳକ ଉଚ୍ଚ ବିଦ୍ୟାଳୟର ସଭା ଗୃହେର ସିଡିପିଓ ପ୍ରବୀଣା ନାଏକଙ୍କ ଅଧ୍ୟକ୍ଷତାରେ ବାଲ୍ୟ ବିବାହ ପ୍ରତରୋଧ ଓ ସଚେତନତା ନେଇ ଏକ ସଂକଳ୍ପ ପାଠ ଅନୁଷ୍ଠିତ ହୋଇଛି । ଏହି ବୈଠକ ସମନ୍ୱିତ ଶିଶୁ ବିକାଶ କେନ୍ଦ୍ର ଲକ୍ଷ୍ୟ ଉଦେଶ୍ୟ, ବାଲ୍ୟ ବିବାହ ପ୍ରତରୋଧ ପାଇଁ ଅଧିକ କ୍ରିୟାଶୀଳ ହୋଇ ବନ୍ଦ କରିବା ଓ ବିଦ୍ୟାଳୟ ସ୍ତରରେ ସେଚତନତା ସୃଷ୍ଟି କରି ଏକ ସୁସ୍ଥ ସମାଜ ଗଠନ ଦିଗରେ ସହାୟକ ହେବ । ଏଥିସହ ପୃଷ୍ଟିଯୁକ୍ତ ଖାଦ୍ୟ, ପୋଷଣ ଟ୍ରାକର, ଟାସ୍କଫୋର୍ସ କମିଟି, ଗ୍ରାମରେ ଗଭର୍ବତୀ ଓ ପ୍ରସୂତି ଏବଂ କିଶୋରୀ ବାଳିକାଙ୍କୁ ବୈଠକ ମାଧମେର ବିଭିନ୍ନ ପ୍ରସଙ୍ଗେର ସେଚତନତା ସୃଷ୍ଟି କରିବା ପ୍ରସଙ୍ଗେର ଅାଲୋଚନା କରିଥିଲେ ।

## ପୁଇଁନ୍ତଲାରେ ବାବା ସାହେବ ଓ ଜ୍ୟୋତିବା ଫୁଲେ ଜୟନ୍ତୀ ପାଳିତ

ବଲାଙ୍ଗୀର,(ପି.ଏନ): ବଲାଙ୍ଗୀର ଜିଲ୍ଲା ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ପୁଇଁନ୍ତଲା ଗାଁ ଠାରେ ଆମ୍ବେଦକର କ୍ଲବ ତରଫରୁ ସଭାପତି ଜ୍ୟୋତିଷ ମୁଗ୍ରୀଙ୍କ ସଭାପତିତ୍ୱରେ ବାବା ସାହେବ ଆମ୍ବେଦକର ଓ ଜ୍ୟୋତିବା ଫୁଲେଙ୍କ ଜୟନ୍ତୀ ରବିବାର ସଂଧ୍ୟାରେ ମହା ସମାରୋହରେ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ଉପସ୍ଥିତ ସମସ୍ତେ ସଂବିଧାନର ପ୍ରସ୍ତବନା ପାଠ କରିଥିଲେ । ପରେ ଅନୁଷ୍ଠିତ ହୋଇଥିବା ଏକ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଦଳିତ ସାମଜ ସଭାପତି କୁନା ବାଗ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ସତ୍ୟାନନ୍ଦ ସୁନା , ରାଜେନ୍ଦ୍ର ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକି ରମଣୀ ନାଏକ , ପଶ୍ଚିମ ଓଡିଶା ମହିଳା ସଂଗଠନର ସଭାନେତ୍ରୀ ସବିତା ନନ୍ଦ, ପୁଇଁନ୍ତଲା ପଂଚାୟତର ସମିତି ସଭ୍ୟା ଶୁଭଶ୍ରୀ ଗରୁଡ ଓ ପ୍ରମୁଖ ଯୋଗ ଦେଇଥିଲେ । ବାବା ସାହେବ କୌଣସି ଜାତି , ଧର୍ମ କିମ୍ବା ସଂପ୍ରାଦାୟ ଭିତରେ ସୀମିତ ନାହାନ୍ତି । ସେ ଲେଖିଥିବା ସଂବିଧାନ ଦ୍ୱାରା ସମସ୍ତ ଭାରତୀୟ ସମାନ ଅଧିକାର ପାଉଛନ୍ତି । ସେ ଏକ ସମତା ଭିତିକ ସମାଜ ଗଠନର ସଂକଳ୍ପ ନେଇଥିଲେ । ତାଙ୍କ ବିଚାରଧାରା ପ୍ରତି ସମର୍ପିତ ହେବା ସଂବିଧାନ କୁ ଜାଣିବା ସାଂପ୍ରତିକ ସମୟରେ ପ୍ରତ୍ୟେକ ଭାରତୀୟଙ୍କ ଦାୟିତ୍ୱ ଓ କର୍ତବ୍ୟ । ପ୍ରତ୍ୟେକ ଭାରତୀୟ ସଂବିଧାନକୁ ଭଲ ଭାବରେ ଜାଣି ପାରିଲେ ଆମେ ଏକ ସମୃଦ୍ଧଶାଳୀ ଭାରତ ଗଠନ କରି ପାରିବ ଓ ଏକ ଭୟମୁକ୍ତ ତଥା ନ୍ୟାୟଯୁକ୍ତ ସମାଜର ଗଠନ କରି ପାରିବା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଢୋଲ ମୁହୁରୀ କଳା ପରଷଦ , ଘୁଂଗୁରୁ କଳା ପରିଷଦ , ଟୁକୁ , ବିଶି ଓ ଅନ୍ୟାନ୍ୟ କଳାକାରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହା ସହିତ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଲମ୍ବୋଧର ନାଗ ଓ ରମାକାନ୍ତ ନନ୍ଦ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ବିଭୂତି ସୁନା ।

## ମୋଦି ସରକାରର ଆକ୍ରୋଶ ରାଜନୀତି ପ୍ରତିବାଦରେ ଜିଲ୍ଲା କଂଗ୍ରେସର ସତ୍ୟାଗ୍ରହ

କେନ୍ଦ୍ରାପଡ଼ା, (ପି.ଏନ): ଜିଲ୍ଲା କଂଗ୍ରେସ କମିଟି, କେନ୍ଦ୍ରାପଡା ତରଫରୁ ମୋଦି ସରକାରର ଆକ୍ରୋଶ ରାଜନୀତିର ପ୍ରତିବାଦରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ ସଭାପତି ତଥା ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କେନ୍ଦ୍ର ମୋଦି ସରକାରର ୮ବର୍ଷ ଶାସନରେ ଆକ୍ରୋଶ ରାଜନୀତି ସବୁ କାଳର ସୀମା ଟପିଛି ବୋଲି କହିଥିଲେ । ପିସିସି ପର୍ଯ୍ୟବେକ୍ଷଣ ବରିଷ୍ଠ ନେତା ତଥା ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ ସତ୍ୟାଗ୍ରହରେ ଭାଗ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସତ୍ୟର ସାମ୍ନା କରିବାକୁ ଭୟଭୀତ ବୋଲି ଆରୋପ କରିବା ସହ ଦେଶରେ ସାମ୍ପ୍ରଦାୟିକ ସଦଭାବ ଧ୍ୱଂସ କରିବାକୁ ସଂକଳ୍ପ ଗ୍ରହଣ କରିଛନ୍ତି । ରାଜ୍ୟ ନବୀନ ସରକାର ବିଜେପି ସହ ହାତ ମିଳାଇ କମ୍ପାନୀ ହାତରେ ରାଜ୍ୟ ସମ୍ପତିକୁ ଟେକି ଦେବାକୁ ଲାଗିଛି ବୋଲି ଶ୍ରୀ ସେଠୀ ସେହି ବକ୍ତବ୍ୟ ଦେଇଥିଲେ । ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ତାଙ୍କ ଅଭିଭାଷଣରେ ଏକଛତ୍ରବାଦୀ ବିଜେପି ସରକାର ପତନ ଅବସମ୍ଭାବୀ ବୋଲି ଭବିଷ୍ୟତବାଣୀ କରିଥିଲେ । ସୁପ୍ରିମକୋର୍ଟଙ୍କ ବେଦାନ୍ତ ବିଶ୍ୱବିଦ୍ୟାଳୟ ମାମଲାରେ ରାଜ୍ୟ ସରକାରଙ୍କୁ ଅତି କଠୋର ଭାବରେ ଭତ୍ସନା କରିଥିବାରୁ ନୈତିକତା ଦୃଷ୍ଟିକୋଣରୁ ଇସ୍ତଫା ଦେବା ଜରୁରୀ ବୋଲି ମନ୍ତବ୍ୟ କରିଥିଲେ । ଜିଲ୍ଲା କଂଗ୍ରେସର ଏହି ଆନ୍ଦୋଳନରେ ସିପିଏମ ନେତା ଗୟାଧର ଧଳ ଏବଂ ସିପିଆଇ ନେତା ରମଣୀରଞ୍ଜନ ରାଉତରାୟ ଅଂଶଗ୍ରହଣ କରି ଦେଶରେ ବଢିଚାଲିଥିବା ଗଣତନ୍ତ୍ରର ହତ୍ୟା ତଥା ସମ୍ବିଧାନର ଅମର୍ଯ୍ୟାଦା ପ୍ରତିବାଦରେ ବ୍ୟାପକ ଜନଆନ୍ଦୋଳନ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ । ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ଓ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା କଂଗ୍ରେସ ନେତା ଜୟନ୍ତ ମହାନ୍ତି, ରତିକାନ୍ତ କାନୁନଗୋ, ଆକବର ଅଲ୍ଲୀ, ରାଜେଶ ମହାନ୍ତି, ମଙ୍ଗୁଳି ଚରଣ ବେହେରା, ମହେନ୍ଦ୍ର ପରିଡା, ସିଦ୍ଧାର୍ଥ ଜେନା, ରାକେଶ ମହାନ୍ତି, ସତ୍ୟ ସାମଲ, ବାବୁରାମ ଜେନା, ମୁକ୍ତାର ଖାଁ, ପ୍ରଶନ୍ନ ମହାପାତ୍ର, ହିବଜୁର ରହେମାନ, ବୈକୁଣ୍ଠନାଥ ସେନାପତି, ମଳୟ ଦାସ, ଅନନ୍ତ ସ୍ୱାଇଁ, କମଳାକାନ୍ତ ବେହେରା, ଓଁକାର ମହାନ୍ତି, ଟିଜି ଚୌଧୁରୀ, ଶକ୍ତିପ୍ରସାଦ ସ୍ୱାଇଁ, ସଞ୍ଜୟ ରାଉତ, ଜ୍ଞାନରଞ୍ଜନ ସାହୁ, ବାବାଜି ମଲ୍ଲିକ, ମୀର୍ ମୁରସିଦ୍, ଅମୂଲ୍ୟ ପ୍ରଧାନ, ମଳୟ ଓଝା, ବସନ୍ତ ମଲ୍ଲିକ, ପରଭେଜ ଅଖତର, ସେକ୍ ନିସାର, ବିକାଶ ମଲ୍ଲିକ, ଦୟାନିଧି ପରିଡା, ପୀତାମ୍ବର ଜେନା, ନାରାୟଣ ଚନ୍ଦ୍ର ପରିଡା, ଆଶିଷ ମେକାପ, ବିଚିତ୍ର ଲେଙ୍କା, ଲକ୍ଷ୍ମୀଧର ବାରିକ, ପ୍ରମୁଖ ଅଂଶଗ୍ରହଣ କରି ଅଭିମତ ରଖିଥିଲେ । ଜିଲ୍ଲା କଂଗ୍ରେସ ଅନୁସୂଚିତ ବିଭାଗ ସଭାପତି ବର୍ଦ୍ଧେଶ୍ୱର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ସମଗ୍ର ହିନ୍ଦୁ ସମାଜ ତରଫରୁ ପ୍ରତିବାଦର ସଭା, ଶୋଭାଯାତ୍ରା ଓ ଦାବିପତ୍ର ପ୍ରଦାନ

ନୂଆପଡ଼ା, (ପି.ଏନ): ଗତ ଅପ୍ରେଲ ୧୨ ଓ ୧୪ ତାରିଖରେ ସମ୍ବଲପୁର ଠାରେ ହନୁମାନ ଜୟନ୍ତୀ ପାଳନ ଅବସରରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଗୁଣ୍ଡା ବଦମାସ୍ ଦ୍ୱାରା ଜଣେ ବନବାସୀ ଯୁବକକୁ ହତ୍ୟା ଓ ହିନ୍ଦୁମାନଙ୍କ ଉପରେ ଆକ୍ରମଣ କରାଯାଇଥିଲା । ଏପରିକି ଘଟଣା ସ୍ଥଳରେ ଶାନ୍ତି ସୁରକ୍ଷା ପାଇଁ ଉପସ୍ଥିତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ମଧ୍ୟ ଭୟଙ୍କର ଆକ୍ରମଣ ହୋଇଥିଲା । କିନ୍ତୁ ସରକାରୀ ପ୍ରଶାସନ ଅପରାଧି ମାନଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇ ନାହିଁ । ଗୁଣ୍ଡା, ବଦମାସ୍ ମାନେ ବିନା ଦ୍ୱିଧାରେ ବାହାରେ ବୁଲୁଛନ୍ତି । ସରକାରଙ୍କ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଗୁଣ୍ଡା ବଦମାସ୍ ପ୍ରତି କୋହଳ ମନୋଭାବ ପ୍ରଦର୍ଶନ କାରଣରୁ ଆଜି ଖଡ଼ିଆଳ ଠାରେ ସମଗ୍ର ହିନ୍ଦୁ ସମାଜ ତରଫରୁ ପ୍ରତିବାଦର ସଭା ଓ ଶୋଭାଯାତ୍ରା କରାଯାଇ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରେରଣ କରାଗଲା । ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ ଅଧିକାରୀ ପୁଷ୍ତମ ସୁନାନୀ, ପୂର୍ବତନ ବିଧାୟକ ହିତେଶ ବଗର୍ତି, ହିନ୍ଦୁ ସମାଜର ନେତୃବୃନ୍ଦ ଜଗବନ୍ଧୁ ବାରିକ, ସଞ୍ଜୟ କୁମାର ତିୱାରି, ପ୍ରଦୀପ ତ୍ରିବେଦୀ, ସୋମେଶ ପଟ୍ଟନାୟକ, ଯାଦବ ସମାଜ ସଭାପତି ସୁକ୍ଲୁ ବାଗ, ଆରଏସଏସର ବିନୋଦ କୁମାର ଅଗ୍ରୱାଲ, ସୁରେଶ ହଟୱାର, ଦିଲ୍ଲୀପ ତ୍ରିବେଦୀ, ବିଜେପି ନେତା ଅଜିତ କୁମାର ଚଲାନ, ହିନ୍ଦୁ ଜାଗରଣ ମଂଚର ଚିତରଞ୍ଜନ ମହାପାତ୍ର, ବଜରଙ୍ଗ ଦଳ ପ୍ରମୁଖ ସୌମ୍ୟ ରଞ୍ଜନ ସିଂହ ଓ ବହୁ ସଂଖ୍ୟାରେ ହିନ୍ଦୁ ସମାଜର ଲୋକ ତଥା ବଜରଙ୍ଗ ଦଳ କର୍ମୀମାନେ ଯୋଗ ଦେଇଥିଲେ ।

## ଅଗ୍ରଗାମୀ କଳା ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ନୂଆପଡ଼ା,(ପି.ଏନ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଚଳାନପଡା ଗୋଇମୁଣ୍ଡି ଅଗ୍ରଗାମୀ କଳା ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅନୁଷ୍ଠାନର ନିର୍ଦ୍ଦେଶକ କ୍ଷୀରପ୍ରସାଦ ରାଉତରାୟ ଅଧ୍ୟକ୍ଷତା କରି ବର୍ତମାନ ସାରା ରାଜ୍ୟରେ କଳାର ଅବନତି ଦେଖା ଦେଇଥିବା ପ୍ରକାଶ କରିଥିଲେ । ଅଗ୍ରଗାମୀ କଳା ଓ ସାଂସ୍କୃତିକ ଅନୁଷ୍ଠାନ ଗତ ୩୩ ବର୍ଷ ରେ ୧୫ ଗୋଟି ନାଟକ ପରିବେଷଣ କରି କଳାକୁ ଉଜ୍ଜୀବିତ କରି ଅଞ୍ଚଳରେ କଳାକୁ ବଂଚାଇ ଥିବା ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ । ଏହି ନାଟକକୁ କ୍ଷୀର ପ୍ରସାଦ ରାଉତରାୟ ନିର୍ଦ୍ଦେଶନା ଦେଉଥିବା ବେଳେ ସହ ନିର୍ଦ୍ଦେଶନା ଭାବେ ପ୍ରହଲ୍ଲାଦ ପଣ୍ଡା ଦେଉଛନ୍ତି । ଅନୁଷ୍ଠାନର ସଭାପତି ଅରବିନ୍ଦ ସିଂ ବାରିକ, ଉପ ସଭାପତି ନରେଶ ବାରିକ, ସମ୍ପାଦକ ସୌରଭ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ନାଟକର ବିଭିନ୍ନ ଭୂମିକାରେ ରାଜକପୁର ବାରିକ, ପ୍ରଶାନ୍ତ ବାରିକ, ଚିତରଞ୍ଜନ ରାଉତ, ଅନନ୍ତ କୁମାର ବାରିକ, ମକରର୍ଦ୍ଧ୍ୱଜ କାଣ୍ଡ ,ଶଶ କୁମାର ରାଉତରାୟ, ଶୁଧାଂଶୁ ଶେଖର ବାରିକ, ରମା ରଞ୍ଜନ ରାଉତ, କୂଳଦୀପ ପ୍ରଧାନ, ପାର୍ଥ ସାରଥୀ ବାଗ, ସମୀର ରଞ୍ଜନ ବାରିକ, ସୌରଭ ବାରିକ, ଅରବିନ୍ଦ ବାରିକ, ଅମିତ ବାରିକ, ରୋଶନ ତାଣ୍ଡି, କାହ୍ନା ବାରିକ, ଶ୍ରୀକାନ୍ତ ବାରିକ ସମେତ ରାଉରକେଲାର ୪ ଜଣ ନାରୀ କଳାକାର ନାଟକ ପରିବେଷଣ କରିବେ । ସଙ୍ଗୀତ ନିର୍ଦ୍ଦେଶନାରେ ଶୁରଞ୍ଜନ ବାଗ, ବାଦ୍ୟରେ ମୁରଲୀଧର ପଟେଲ, ଜଳନ୍ଧର ନିଆଲ, ବିଚ୍ଛୁ ମେହେର, ଆନୀଲ କୁମାର ରାଉତ, କଣ୍ଠ ଶିଳ୍ପୀରେ ରାସବିହାରି ଘିଭେଲା, ଶୁଶ୍ରୀ ସ୍ୱରୂପା ଆଚାର୍ଯ୍ୟ, ମମତା ପଟେଲ ଅଛନ୍ତି । କାର୍ଯ୍ୟକ୍ରମରେ ସୁରେଶ ରାଉତ, ପ୍ରଦ୍ୟୁମ୍ନ ବାରିକ, ଦେବେଶ୍ୱର ବାରିକ, ଜ୍ୟୋତିର୍ମୟ ବାରିକ, କରୁଣା ସାଗର, ମୁନୁକୁ ରାଉତ, ଗଣଦୀପ ସରାଫ ସହଯୋଗ କରୁଥିବା ବେଳେ ଉପଦେଷ୍ଟାରେ କେତନ ସିଂ ବାରିକ, ବଳଦେବ ରାଉତ, ଧନସିଂ ବାରିକ, ଦାୟନିଧି ଚଲାନ, ଶୁଶୀଳ ଚଲାନ ପ୍ରମୁଖ ଥିବା ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ । ଏହି ସାମାଜିକ ନାଟକ ମଂଚସ୍ଥ ହେବ ।

## ଉଲୁଣ୍ଡା ବ୍ଲକରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର,(ପି.ଏନ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟନାରାୟଣ ଦାଶ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୨୩ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୧୬ ଗୋଟି ଗ୍ରହଣ କରାଯାଇଥିବା ବେଳେ ୭ଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇ ଥିଲା । ୪ ଗୋଟି ଦରଖାସ୍ତ ର ତୁରନ୍ତ ସମାଧାନ କରାଯାଇଥିବାବେଳେ ଅନ୍ୟ ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ବିଶିପଡ଼ା ପଂଚାୟତର ସୁଶ୍ରୀ ସୁଚରିତା ସାନବଡ, ବ୍ୟାସଦେବ ଦଳାଇ, ଅଞ୍ଜନା ଲୁହାଙ୍କୁ ବିକଳାଙ୍ଗ ଭତା ଏବଂ ଅସରପି ସାଣ୍ଢଙ୍କୁ ବିଧବା ଭତା ତୁରନ୍ତ ପ୍ରଦାନ କରା ଯାଇଥିଲା । ବିଡିଓ, ଉଲୁଣ୍ଡା କରିଶ୍ମା ବେଶ୍ରାଙ୍କ ତତ୍ୱାବଧାନରେ ଅଦ୍ୟ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କଁହର, ଉପଜିଲ୍ଲାପାଳ ବୀରମହାରାଜପୁର ଅଶୋକ କୁମାର ଭୋଇ, ଏସଡିପିଓବୀରମହାରାଜପୁର ଡ଼ୋଲାମଣୀ ଭୋଇ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଅବକାରୀ ଅଧିକ୍ଷକ ସୁମତୀ ତ୍ରିପାଠୀ, ତହସିଲଦାର ଉଲୁଣ୍ଡା ଦିଲ୍ଲିପ ମାଝି, ଜିଲ୍ଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାକା, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ ବିଶ୍ୱରଂଜନ ପତି, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଆରଡବ୍ଲୁଏସଏସ ଇଂ ବିଭୁ ପ୍ରସାଦ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରି ରେଣୁବାଳା ଦାଶ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ପ୍ରମୁଖଙ୍କ ସହ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।

MAHARISHI PUBLIC SCHOOL

2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Wednesday April 26, 2023 ଭୁବନେଶ୍ୱର ବୁଧବାର, ଅପ୍ରେଲ ୨୬,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ପାରାଦୀପ ହିନ୍ଦୁସ୍ଥାନ ତୈଳ ଟର୍ମୀନାଲ ଅଧିକାରୀ ମାନଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

ପାରାଦୀପ,(ପି.ଏନ): ପାରାଦୀପ ସ୍ଥିତ ହିନ୍ଦୁସ୍ଥାନ ତୈଳ ଟର୍ମୀନାଲ କମ୍ପାନୀର ମୁଖ୍ୟ ଅଧିକାରୀ ବେଣୁଧର ସେଠୀ, ଉପମୁଖ୍ୟ ସ୍ମାରକ ଲେଙ୍କା ଓ ବିକ୍ରାନ୍ତ ରାୟ ଙ୍କର ବିଭିନ୍ନ ସ୍ଥାନକୁ ବଦଳି ହୋଇଥିବାରୁ କମ୍ପାନୀର ସମସ୍ତ ପରିବହନକାରୀ ସଂସ୍ଥା ଏବଂ ଗାଡି ମାଲିକ ମାନଙ୍କ ପକ୍ଷରୁ ଏକ ଭବ୍ୟ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପାରାଦୀପ ଟର୍ମୀନାଲ ପରିସରରେ ମଙ୍ଗଳବାର ଦିନ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମ୍ପାନୀର ସମସ୍ତ ଅଧିକାରୀ, କର୍ମଚାରୀ, ପରିବହନ ସଂସ୍ଥା ଓ ଗାଡି ମାଲିକ ଉପସ୍ଥିତ ଥିଲେ କ୍ଷ ପାରାଦୀପ ଟର୍ମୀନାଲ ରେ ଦୀର୍ଘ ୪ ବର୍ଷ କାର୍ଯ୍ୟକାଳ ମଧ୍ୟରେ ପରିବହନକାରୀ ସଂସ୍ଥା ଓ ଗାଡି ମାଲିକ ମାନଙ୍କ ସମ୍ପୂର୍ଣ୍ଣ ସହଯୋଗ ପାଇଁ ବିଦାୟୀ ଅଧିକାରୀ ମାନେ ଭୁୟସୀ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଥିଲେ ।



ଏହି ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାରେ ଟ୍ରାନ୍ସପୋର୍ଟର ଏବଂ ଗାଡି ମାଲିକ ମାନେ ଅଧିକାରୀ ମାନଙ୍କର ଦକ୍ଷତା ଏବଂ କାର୍ଯ୍ୟ ଶୈଳୀକୁ ପ୍ରଶଂସା କରିବା ସହ ସେମାନଙ୍କର ଉନ୍ନତି ଓ ଦୀର୍ଘଜୀବନ କାମନା କରିଥିଲେ । ଟ୍ରାନ୍ସପୋର୍ଟର ଓ ଗାଡି ମାଲିକଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ଲକ୍ଷ୍ମୀଧର ମହାନ୍ତି, ଦୀପକ ବେଦମାତା, ଶ୍ରୀଜୟ କର, ବିଜୟ ମଲ୍ଲିକ, ଦେବୀ ପ୍ରସାଦ ବିଶ୍ୱାଳ, ହେମନ୍ତ ନାୟକ, କୃଷ୍ଣ ଚନ୍ଦ୍ର ଦାସ, ପ୍ରଦୀପ ସାହୁ, ସୁକାନ୍ତ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ ।

## ବଧୂହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

ଭଦ୍ରକ,(ପି.ଏନ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବାଲିପୋଖରୀ ପ ।ୟତ ପରମାନନ୍ଦପୁର ଗ୍ରାମର ବଧୂ ମିନତୀ ସାହୁଙ୍କୁ ଶାଶୁଘର ଲୋକେ ଯୌତୁକ ଦାବିରେ ହତ୍ୟା କରିଥିବା ଅଭିଯୋଗ ହୋଇଛି । ଯାଜପୁର ସଦର ଥାନା ଅନ୍ତର୍ଗତ ଆମ୍ବର ଗ୍ରାମର ମିନତୀ(୩୬) ଗତ ୧୩ ବର୍ଷ ପୂର୍ବେ ପରମାନନ୍ଦପୁର ଗ୍ରାମର ଶରତ ସାହୁଙ୍କୁ ବୈଦିକ ରୀତିରେ ଯାନିଯୌତୁକ ସହ ବିବାହ କରିଥିଲେ । ବିବାହର ଏକ ବର୍ଷ ପରେ ମିନତୀକୁ ଶାଶୁଘର ଲୋକେ କ୍ରମାଗତ ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦେଇଆସୁଥିଲେ । ଗତ ୨୩ ତାରିଖ ରାତ୍ରରେ ମିନତୀକୁ ସ୍ୱାମୀ ଶରତ ହତ୍ୟା କରିଥିବା ଖବର ପାଇ ବାପଘର ଲୋକେ ଘଟଣାସ୍ଥଳକୁ ଯାଇଥିଲେ । ମୃତ ମିନତୀର ଭାଇ ମନୋରଞ୍ଜନ ନାୟକ ଏଥିନେଇ ଥାନାରେ ଅଭିଯୋଗ କରିଥିଲେ । ଥାନାରେ ୧୧୮/୨୩ନଂ ମାମଲା ରଜୁ କରି ଶବ ବ୍ୟବଚ୍ଛେଦ କରାଯାଇଥିଲା । ଅଭିଯୁକ୍ତ ସ୍ୱାମୀ ଶରତକୁ ପୁଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିବା ଜଣାଯାଇଛି ।

## ବହୁ ଚର୍ଚ୍ଚିତ କ୍ୟାମେରାମେନ୍ ମାନସ ସ୍ୱାଇଁ ମାମଲାର ଦ୍ୱିତୀୟ ପର୍ଯ୍ୟାୟ ସାକ୍ଷ୍ୟ ଗ୍ରହଣ

ଭଦ୍ରକ, (ପି.ଏନ): ଭଦ୍ରକ ଜିଲା ଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଦାଲତରେ ଆଜି ବହୁ ଚର୍ଚ୍ଚିତ କ୍ୟାମେରାମେନ୍ ମାନସ ସ୍ୱାଇଁ ହତ୍ୟାକାଣ୍ଡର ପ୍ରଥମ ସାକ୍ଷୀ ବାଂଶଡା ଥାନା ସଦାନନ୍ଦପୁର ଗ୍ରାମର ବାପୁ ଓରଫ ଦେବାଶିଷ ଜେନାଙ୍କ ଦ୍ୱିତୀୟ ପର୍ଯ୍ୟାୟ ସାକ୍ଷ୍ୟ ଗ୍ରହଣ ହୋଇଛି । ଏହି ବହୁ ଚର୍ଚ୍ଚିତ ହତ୍ୟାକାଣ୍ଡ ଘଟଣା କ୍ରାଇମବ୍ରା ତଦନ୍ତ କରି ଚାର୍ଜସିଟ୍ ଦାଖଲ କରିଛି । ତେବେ ଅଭିଯୁକ୍ତ ଶର୍ମିଷ୍ଠା, ତାର ସହଯୋଗୀ ଝୁନା ଭୋଇ ଏବଂ ଅନ୍ୟ ଦୁଇ ଅପରାଧୀ ଏବେ ଭଦ୍ରକ ଜେଲରେ ବିଚାରାଧୀନ ବନ୍ଦୀ ଭାବରେ ଅଟକ ଅଛନ୍ତି । ସେମାନଙ୍କୁ ବ୍ୟକ୍ତିଗତ ଭାବରେ କଡାସୁରକ୍ଷା ମଧ୍ୟରେ ଜେଲରୁ ଆଣି କୋର୍ଟରେ ହାଜର କରାଯାଇଥିଲା । ତେବେ ଗତ ମାର୍ଚ୍ଚ ମାସ ୨୭ ତାରିଖରେ ଦେବାଶିଷ ତାଙ୍କ ବୟାନରେ କହିଥିଲେ ଯେ ତାଙ୍କ ଅଂଚଳର ସମସ୍ତ ଭିଡିଓ ସୁଟିଂ କଲ ସେ ମାନସ ସ୍ୱାଇଁଙ୍କୁ ଦିଅନ୍ତି । ପଳାସପୁର ଗ୍ରାମର ବଳଭଦ୍ର ଭୋଳଙ୍କ କନ୍ୟା ବାହାଘର କଲ ମଧ ସେ ମାନସକୁ ଦେଇଥିଲେ । ମାନସ ୨୦୨୨ ମସିହା ଫେବୃୟାରୀ ୫ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱରରୁ ତାର ଜଣେ ସହଯୋଗୀ ସହ ଆସି ତାଙ୍କ ପାଖରେ ପହ ୍ଥିଲା । ତାକୁ ନେଇ ବଳଭଦ୍ର ଭୋଳ ଘରେ ସେ ୬ ତାରିଖ ସକାଳେ ଛାଡି ଆସିଥିଲା ଓ ୭ ତାରିଖ ତା ସ୍କୁଟିରେ ଉଭୟଙ୍କୁ ନେଇ ଫେରିଥିଲା । ପଳାସପୁର ମନ୍ଦିର ପାଖରେ ସ୍ୱାଧିକାର ନ୍ୟୁଜ୍ ଚେନାଲ ସାମ୍ବାଦିକ ଶରତ ପଣ୍ଡା ତାଙ୍କୁ ଅଟକାଇଲା ଓ ସେ ରହିବା ପରେ ତାଙ୍କ ପଛରେ ଥିବା ଓଡି-୦୨-୬୫୯୯ କାର୍ ଯେଉଁଥିରେ ପ୍ରେସ୍ ଲେଖାଥାଇ ଦୁଇ ଜଣ ପୁରୁଷ ଓ ଦୁଇଜଣ ମହିଳା ଆସି ମାନସକୁ ମୋବାଇଲ୍ କ୍ୟାମେରା ଓ ଚପ୍ ମାଗିଥିଲେ । ସେ ମନା କରିବାରୁ ସେମାନେ ତା ଗାଲକୁ ଦୁଇ ଚାପୁଡା ମାରି କାର ଭିତରକୁ ଘୋଷାରି ନେଇ ବସାଇ ଦେଇଥିଲେ । ସେମାନଙ୍କ ମଧ୍ୟରୁ ଶର୍ମିଳା ଓ ଝୁନା ଭୋଇକୁ ସେ ଚିହ୍ନିଥିଲା । ମାତ୍ର ଜେଲରେ ଥିବା ରଂଜନ ବିଷୟରେ କିଛି କହିପାରିନଥିଲା । ପ୍ରକାଶଥାଉକି କ୍ରାଇମବ୍ରା ତରଫରୁ ଯେଉଁ ଚିହ୍ନଟ ପ୍ରକ୍ରିୟା (ଟି.ଆଇ ପ୍ୟାରେଡ୍) ହୋଇଥିଲା । ସେତେବେଳେ ଶର୍ମିଷ୍ଠା, ତାର ସହଯୋଗୀ ଝୁନା ଓ ବିବେକକୁ ଚିହ୍ନିଥିଲା । ମାତ୍ର ବିବେକ ଗତ ତାରିଖରେ ନିଜର ଅସୁସ୍ଥତା ଦର୍ଶାଇ କୋର୍ଟରେ ହାଜର ହୋଇନଥିଲା । ତେବେ ତାର ମାଜିଷ୍ଟ୍ରେଟ୍ ଆଗରେ ଦେଇଥିବା ଫୌଜଦାରୀ କାର୍ଯ୍ୟବିଧି ଆଇନ୍‌ର ୧୬୪ ଦଫାର ବୟାନ କାଗଜପତ୍ର ଅପରପକ୍ଷ ଓକିଲ ପାଇନଥିବାରୁ ଗତ ତାରିଖରେ ତାକୁ ଅପରପକ୍ଷ ଓକିଲ ଜେରା ନକରି ତାକୁ ଜେରା ପାଇଁ ଆଜି ତାରିଖ ରଖାଯାଇଥିଲା । ଆଜି ଦିନ ତମାମ ଦେବାଶିଷକୁ ଅଭିଯୁକ୍ତ ମାନଙ୍କ ଓକିଲମାନେ ଗୋଡେଇ ଟୁଡେଇ ଅନେକ ପ୍ରଶ୍ନ ପଚାରିଥିଲେ, ଯାହାର ଉ ର ସଠିକ୍ ଭାବରେ ସେ ପ୍ରଦାନ କରିଥିଲେ ବୋଲି ସରକାରୀ ଓକିଲ ପ୍ରଦୀପ୍ତ କୁମାର ସାମଲ ପ୍ରକାଶ କରିଛନ୍ତି ।

## ପ୍ରଧାନମନ୍ତ୍ରୀଙ୍କର କୁଶ ପୁତଳିକା ଦାହ କଲା ମହିଳା କଂଗ୍ରେସ

ଭୁବନେଶ୍ୱର,(ପି.ଏନ): ଭାରତ ବର୍ଷର ଗଣତନ୍ତ୍ର ଏବଂ ଗଣତାନ୍ତ୍ରିକ ଅନୁଷ୍ଠାନ ଆଜି ସଂପୂର୍ଣ୍ଣ ବିପଦଗ୍ରସ୍ତ । କେନ୍ଦ୍ରରେ ନରେନ୍ଦ୍ର ମୋଦୀ ସରକାର ଏହି ଦୀର୍ଘ ୧୦ ବର୍ଷ ମଧ୍ୟରେ ଭାରତ ବର୍ଷର ସଂସଦୀୟ ଗଣତାନ୍ତ୍ରୀକ ବ୍ୟବସ୍ଥାକୁ ସଂପୂର୍ଣ୍ଣ ରୂପେ ଧ୍ୱସ୍ତ ବିଧ୍ୱସ୍ତ କରିସାରିଲେଣି । ସମ୍ବିଧାନ ଓ ସାମ୍ବିଧାନିକ ଅନୁଷ୍ଠାନ ମାନଙ୍କୁ ନିଜ କବ୍‌ଜାରେ ରଖିବା ପାଇଁ ଆଜି ମୋଦୀ ସରକାର ସତଚେଷ୍ଟିତ । ଏପରିକି ଯେଉଁ ନିରପେକ୍ଷ ସଂସ୍ଥାମାନେ ଭାରତ ବର୍ଷର ଆଇନ କାନୁନ୍ ସର୍ବାଗ୍ରେରେ ରଖି କାର୍ଯ୍ୟ କରୁଥିଲେ ଆଜି ସେ ସବୁ ସଂସ୍ଥା ଯଥା ଇ.ଡ଼ି., ସି.ବି.ଆଇ. ଏବଂ ଇନ୍‌କମ୍ ଟ୍ୟାକ୍ସକୁ କେବଳ ବିରୋଧିମାନଙ୍କୁ ଅନ୍ୟାୟ ଅନୀତି ଉପାୟରେ ଚୁପ୍ କରିବା ପାଇଁ ବ୍ୟବହାର କରାଯାଉଛି । ଏପରିକି ପୂର୍ବତନ ଗଭର୍ଣ୍ଣର ଯିଏ କି, ପୁଲ୍‌ୱାମାରେ ସହିଦ୍ ହୋଇଥିବା ୪୦ ସୈନିକଙ୍କ ପାଇଁ ମୋଦୀ ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସେତେବେଳର ଗୃହମନ୍ତ୍ରୀ ରାଜନାଥ ସିଂ ଏବଂ ଜାତୀୟ ନିରାପତା ପରାମର୍ଶ ଦାତା ଶ୍ରୀ ଅଜିତ୍ ଡୋଭାଲ୍‌ଙ୍କୁ ଦାୟୀ କଲାବେଳେ ତାଙ୍କ ମୁହଁ ବନ୍ଦ କରିବା ପାଇଁ ସିବିଆଇକୁ ନରେନ୍ଦ୍ର ମୋଦୀ ନିଜର ଅସ୍ତ୍ରରୂପେ ବ୍ୟବହାର କରୁଛନ୍ତି । ଏହାକୁ ପ୍ରତିବାଦ କରି ଆଜି ଓଡ଼ିଶା ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ବନ୍ଦୀତା ପରିଡ଼ାଙ୍କ ନେତୃତ୍ୱରେ ଶହ ଶହ ମହିଳା ନେତ୍ରୀମାନେ କଂଗ୍ରେସ ଭବନରେ ଏକ ରାଲିରେ ବାହାରି ମାଷ୍ଟର କ୍ୟାଂଟିନ ଛକ ଠାରେ କେନ୍ଦ୍ର ବିଜେପି ସରକାର ବିରୋଧରେ ପ୍ରତିବାଦ କରିବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କୁଶ ପୁତଳିକା ଦାହ



କରିଥିଲେ । ଶ୍ରୀମତୀ ପରିଡ଼ା ଗଣମାଧ୍ୟମର ପ୍ରତିନିଧିମାନଙ୍କୁ କହିଥିଲେ ଯେ, ଆଜି ନରେନ୍ଦ୍ର ମୋଦୀ ସରକାର ରାହୁଲ ଗାନ୍ଧୀଙ୍କ ପାଇଁ ଯେଉଁ ଅନ୍ୟାୟ ଏବଂ ରାଜନୈତିକ ଆକ୍ରୋଶ ଦେଖାଉଛନ୍ତି ତାହା ଭାରତ ବର୍ଷର ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ । ବିରୋଧିର ସ୍ୱରକୁ ଯେନତେନ ପ୍ରକାର ଚାପି ଦେବା ଏକ ସରକାର କାମ ନୁହେଁ । ରାହୁଲ ଗାନ୍ଧୀଙ୍କର ଯେଉଁ ମୌଳିକ ପ୍ରଶ୍ନ ମୋଦୀ ଆଉ ଆଦାନୀକୁ ନେଇ ସେଥିରେ ନରେନ୍ଦ୍ର ମୋଦୀ ତଥା ତାଙ୍କ ସରକାର ସଂପୂର୍ଣ୍ଣ ଭୟରେ ଅଛନ୍ତି । ଏ ପର୍ଯ୍ୟନ୍ତ ସରକାର ଜଏଂଟ ପାର୍ଲାମେଂଟ୍ରୀ କମିଟି ଗଠନ କରୁନାହାନ୍ତି ଆଦାନୀ ଗ୍ରୁପ୍ ଅଫ କମ୍ପାନୀର ଅନୈତିକ କାରବାର ତଦନ୍ତ କରିବା ପାଇଁ । ୨୦ ହଜାର କୋଟି ଟଙ୍କା କିଏ ଏବଂ କେଉଁଠୁ ଆଦାନୀ ଗ୍ରୁପ୍ ଅଫ କମ୍ପାନୀକୁ ଆସିଛି ତାହା ଦେଉନାହାନ୍ତି । ଆଜି ପ୍ରତିବାଦ ଓ ବିକ୍ଷୋଭ ସଭାରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକ, ରଶ୍ମି ମହାପାତ୍ର, କୁସୁମ ପ୍ରଧାନ, ଚୌଧୁରୀ ସ୍ନେହଲତା ରାୟ, କନକଲତା ମଲ୍ଲିକ, ନିରୁପମା ଦାସ, ରୁପାଦିପ୍ତା ମହାପାତ୍ର, ପ୍ରତିମା ମଲ୍ଲିକ, ଅର୍ଚ୍ଚନା ନନ୍ଦ, ଦେବସ୍ମିତା ସାମଲ, ଦିପ୍ତିରାଣୀ ପ୍ରଧାନ, ମୁଣ୍ଡୀ କଞ୍ଚନା ରାଉତରାୟ, ବିଶ୍ୱକଲ୍ୟାଣୀ କର, ପ୍ରଭାବତି ପଟ୍ଟନାୟକ, ଆରତୀ ସ୍ୱାଇଁ, ଚୈତାଳୀ ପଟ୍ଟନାୟକ, ବାସନ୍ତୀ ସାମଲ, ଉର୍ବଶୀ ମିଶ୍ର, ଜାନକୀ ମଲ୍ଲିକ, ଶ୍ରିୟାସ୍ମିତା ପଣ୍ଡା, ପୁଷ୍ପିତା ଦାସ, ଶ୍ରୀୟା ମହାନ୍ତି, କ୍ରିଷ୍ଣା ରାୟ, ଏଲ ମାଣିକ ପ୍ରଭା, ରିତା ହେମ୍ବ୍ରମ, ପ୍ରତିମା ପଣ୍ଡା, କବିତା ଦାସ, ଜିଲ୍ଲା ମହିଳା କଂଗ୍ରେସ, ଗୀତାଳି ମହାନ୍ତି, ନିରୁପମା ପାତ୍ର, ମୁଲତା ନାୟକ, ପ୍ରଜ୍ଞାପରମିତା ମହାନ୍ତି, ସରୋଜିନୀ ବାକ୍ରା, ନିରପମା ବଳିଆରସିଂ, ନଳିନୀ ରଥ, ଅମ୍ବିକା ମାଝୀ, ସବିତା ଚାନ୍ଦ, ତପସ୍ୱିନୀ ବିଶ୍ୱାଳ, ସ୍ମିତାରାଣୀ ସାମଲ, ସିଲ୍ପି ହରିଚନ୍ଦନ, ରେଖା ହୋତା, ପ୍ରିୟମ୍ବଦା ପାଣି, ରୁଦ୍ର ମଲ୍ଲିକ, ପ୍ରତିମା ଜେନା, ମହେନ୍ଦ୍ରି ନାୟକ, ସୁସ୍ମିତା ଘୋଷାଲ, ଉଲ୍ଲାସ ମଲ୍ଲିକ, ମଧୁମିତା ବେହେରା, ମମତା ସାହୁ, ପ୍ରବିଣା ଦଣ୍ଡପାଟ, କଲ୍ୟାଣି ପୁର୍ତି ଓ ବହୁ ମହିଳା କଂଗ୍ରେସ କର୍ମୀ ଓ ପୂର୍ବତନ ସଭାପତି ନିରନ ପଟ୍ଟନାୟକ, ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ, କୋଷାଧ୍ୟକ୍ଷ ତଥା ବିଧାୟକ ସନ୍ତୋଷ ସିଂ ସାଲୁଜା, ଶିବାନନ୍ଦ ରାୟ, ଡଃ ଲଲାଟେନ୍ଦୁ ମହାପାତ୍ର, ବିଶ୍ୱଜିତ୍ ଦାସ, ଜାନକୀ ବଲ୍ଲଭ ପଟ୍ଟନାୟକ, ଅଶୋକ ଦାସ, ସୁବ୍ରତ ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ଓ୍ୱେଷ୍ଟ ଜୋନ ଟାଇକଣ୍ଡୋ ଚମ୍ପିୟାନସିପରେ ବଲାଙ୍ଗିରକୁ ୧୩ ପଦକ

ବଲାଙ୍ଗିର, (ପି.ଏନ): ଗତ ୨୧ ରୁ ୨୩ ତାରିଖ ତିନି ଦିନ ଧରି ବରଗଡର ଗଣପତି ଭିଲ୍ଲା ଠାରେ ଦ୍ୱିତୀୟ ଓ୍ୱେଷ୍ଟ ଜୋନ ଟାଇକଣ୍ଡୋ ଚମ୍ପିୟାନସିପ୍ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଲାଙ୍ଗିର ଜିଲ୍ଲା ଟାଇକଣ୍ଡୋ ସଂଘ ତରଫରୁ ଏକ ୧୩ ଜଣିଆ ଦଳ ଭାଗ ନେଇ ସଫଳତା ହାସଲ କରିଥିବା ବଲାଙ୍ଗିର ଜିଲ୍ଲା ଟାଇକଣ୍ଡୋ ସଂଘର ସାଧାରଣ ସଂପାଦକ ତଥା କୋଚ ଅସୀମ କୁମାର ଭୋଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏଥିରେ ବାଳିକା ଖିରୋଗୀ ( ଫାଇଟ) ବିଭାଗରେ ସାନ୍ତ୍ୱି ପ୍ରଧାନ, ପରିମିତା ବିଶ୍ୱାଳ ସ୍ୱର୍ଣ୍ଣ ପଦକ, କୌଶଲ୍ୟା ଷାଣ୍ଡ, ମଞ୍ଜିଲ ସେଠ ରୌପ୍ୟ ପଦକ, ସୋନାକ୍ଷି ସନ୍ଧ୍ୟା ଭୋଇ ବ୍ରୋଂଚ ପଦକ ପାଇଥିବା ବେଳେ ବାଳକ ବିଭାଗରେ ପ୍ରନିତ କୁମାର ଦାଶ, ସୀମାଦ୍ରି ଆଦେଶ ସ୍ୱର୍ଣ୍ଣ ପଦକ, ଶ୍ରେୟାଂଶ କୁମାର ସିଂଭଞ୍ଜ, ଆଶିର୍ବାଦ ଅର୍ପଣ ମିଶ୍ର, ବିଭୁବ୍ରତ ସାହୁ, ଓମ୍ ପ୍ରକାଶ ପୃଷ୍ଟି ରୌପ୍ୟ ପଦକ ଏବଂ କ୍ରିଷ୍ଣା ଅର୍ଜୁନ ବନଛୋର, ସଙ୍କିର୍ତନ ଷାଣ୍ଡ ବ୍ରୋଂଚ ପଦକ ପାଇଛନ୍ତି ।ଏହି ଅବସରରେ ରାଜ୍ୟ ଟାଇକଣ୍ଡୋ ସଂଘ ସାଧାରଣ ସଂପାଦକ ମନମୋହନ ଭଞ୍ଜ ଟାଇକଣ୍ଡୋ କୋଚ ଅସୀମ କୁମାର ଭୋଇଙ୍କୁ ମମେଂଟୋ ସହିତ ସମ୍ମାନିତ କରିଥିଲେ ।

## ପବିତ୍ର ଶଙ୍କର ଜୟନ୍ତୀ ମହୋତ୍ସବ ପାଳିତ

ଯାଜପୁର,(ପି.ଏନ): ବିରଜାକ୍ଷେତ୍ର ନିକଟସ୍ଥ ବାବା ଅଭୟ ନୃସିଂହ ମନ୍ଦିର ପ୍ରାଙ୍ଗଣରେ ୨୫୩୦ ତମ ଶଙ୍କର ଜୟନ୍ତୀ ମହୋତ୍ସବ ଆଦିତ୍ୟ ବାହିନୀ ଓ ଆନନ୍ଦ ବିହିନୀର ମିଳିତ ଆନୁକୁଲ୍ୟରେ ଶୁଭମୟ ପରିବେଶରେ ପାଳିତ ହୋଇଯାଇଛି । ପ୍ରଭୁ ଶଙ୍କରଙ୍କ ପୂଜାର୍ଚ୍ଚନା, ସ୍ୱଚ୍ଛଭାରତ କାର୍ଯ୍ୟ, ଦହିପଖାଳ ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମକୁ ଶତାଧିକ ଆଦିତ୍ୟ ଆନନ୍ଦ ବାହିନୀର ସ୍ୱେଚ୍ଛାସେବୀ ମାନେ ଯୋଗଦେଇ ସଫଳ କରିଥିଲେ । ପ୍ରକାଶଥାଉକି ପୀଠ ପରିଷଦ ଅଧିନସ୍ଥ ଆଦିତ୍ୟ ବାହିନୀ ଆନନ୍ଦ ବାହିନୀର ପ୍ରତିଷ୍ଠାତା ଶ୍ରୀମଦ୍ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଜୀ ମହାରାଜଙ୍କ ଆଶ୍ରିବଚନ କ୍ରମେ ବାବାଅଭୟ ନୃସିଂହ କମିଟି ବଡ଼ଦୋଗଡ଼ା ବିରଜାକ୍ଷେତ୍ର ଯାଜପୁର ସମସ୍ତ ପ୍ରକାର ଆୟୋଜନକରି ଏକ ଭାବମୟ ପରିବେଶ ସୃଷ୍ଟି କରିଥିଲା । ଏହି କାର୍ଯ୍ୟକ୍ରମକୁ ଆଦିତ୍ୟବାହିନୀର ସଭାପତି ପ୍ରଦୀପ କୁମାର ବେହୁରିଆ, ସେବା ସଚିବ ଆଦିତ୍ୟ ପଣ୍ଡା, ସଂଗଠନ ସମ୍ପାଦକ ଶ୍ରୀକାନ୍ତ ସାହୁ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ମହାନ୍ତି, ରାମଚନ୍ଦ୍ର ବେହୁରିଆ, ସଂଗ୍ରାମ ବେହୁରିଅାଙ୍କ ସମେତ ଆନନ୍ଦ ବାହିନୀର ସାଂଗଠନିକା ଇଚ୍ଛାମୟୀ ଧଳ, ହେନାଲତା ନାୟକ, ଶୈଳାବାଳା ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ । ଶେଷରେ ହରହର ମହାଦେବ, ହମ୍ ହିନ୍ଦୁ ସନାତନି ହୁଁ, ବନ୍ଦେ ମାତରମ୍ ଧ୍ୱନିରେ ସମଗ୍ର ପରିବେଶ ପ୍ରକମ୍ପିତ ହୋଇଥିଲା ।










Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 &
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray